

ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତିପଥରେ ଚାଲିବା ପାଇଁ ବଳ ପାଇଥାଏ।
- ମାର୍ଟିନ ଲୁଥର



## ସଂକ୍ଷେପରେ

### ୪୦୦ ୟୁନିଟ୍ ରକ୍ତ ସଂଗ୍ରହ

ଛତିଆ,୧୨।୬(ଡି.ଏନ୍.ଏ.): ବୈରୀ ପୋଲିସ ପ୍ରଶିକ୍ଷଣ ଅନୁଷ୍ଠାନ ପକ୍ଷରୁ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୪୬୯ ପୋଲିସ ଛାତ୍ର, ୫୦ ପ୍ରଶିକ୍ଷକ ଆଗ୍ରହର ସହ ରକ୍ତ ଦାନ କରିଛନ୍ତି। ପ୍ରାୟ ୪୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। କଟକ ବଡ଼ ମେଡିକାଲର ଏକ ଟିମ୍ ସହ ଅନୁଗୋଳ ସରକାରୀ ଡାକ୍ତରଖାନା, କେନ୍ଦ୍ରୀୟ ରେଡକ୍ରସ୍ ସୋସାଇଟି ଏବଂ କଟକର ଆଉ ୨ ୟୁନିଟ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ସହକାରୀ ଏସ୍‌ପି ଦୀପକ କୁମାର ରଥ ମତ ଦେଇଛନ୍ତି।

### ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ବରୀ,୧୨।୬(ସ୍ୱ.ପ୍ର.): ବରୀ ବ୍ଲକ ଅଧୀନ ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନବ ନିର୍ବାଚିତ ବିଧାୟକା ସୁନନ୍ଦା ଦାସଙ୍କୁ ବୁଧବାର ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ବରୀ ବ୍ଲକର ଶିକ୍ଷା ବ୍ୟବସ୍ଥାର ଉନ୍ନତି ନିମନ୍ତେ ସଂଘର ନେତୃବୃନ୍ଦ ଆଲୋଚନା କରିଥିଲେ। ଶିକ୍ଷାର ବିକାଶ ପାଇଁ ବିଧାୟିକା ଦାସ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶ୍ୟାମସୁନ୍ଦର ମିଶ୍ର, ସମ୍ପାଦକ ଶିଶିର କୁମାର ରାୟ, ନୂତନ ପେନସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ପୋଥାଲ, ସମ୍ପାଦକ ପ୍ରଭାକର ଜେନା, କନିଷ୍ଠ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ଘଡ଼େଇ, ସୁରେନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ମଲିକ, ବିଜୟ କୁମାର ମଲ୍ଲିକ ରମେଶ ଚନ୍ଦ୍ର ରାଉତ, ଭାନୁଦେବ ପତି, ରଞ୍ଜନ କୁମାର ସାମଲ, ଅସୀମ କୁମାର ଜେନା, ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ହେଟାବାଘ ଦେଖି ଗ୍ରାମବାସୀ ଆତଙ୍କିତ

ସିଂହପୁର,୧୨।୬(ଡି.ଏନ୍.ଏ.): ବିଞ୍ଝାରପୁର ଥାନା ଅନ୍ତର୍ଗତ ଗୁହାଳି, ଟିଣା ଗ୍ରାମ ଆମ୍ବନଦୀ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ହେଟା ବାଘ ସହ ୨ ଛୁଆ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଗ୍ରାମବାସୀ ଏକତ୍ରିତ ହୋଇ ହେଟାବାଘକୁ ଧରିବା ପାଇଁ ଗୋଡାଇଥିଲେ। ହେଲେ ହେଟାବାଘକୁ ଧରିବାରେ ବିଫଳ ହୋଇଥିବା ଜଣାପଡିଛି। ଏହି ଖବର ଜଣାପଡିବା ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଖବର ପାଇ ବିଞ୍ଝାରପୁର ପୋଲିସ ଏବଂ ବନ ବିଭାଗ ଗ୍ରାମରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି।

# ଓଡ଼ିଆ କର୍ମଚାରୀ ଉପେକ୍ଷିତ ଅଭିଯୋଗ

ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧୨।୬

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାରେ କେତେଜଣ ବହିଷ୍କୃତ ଓଡ଼ିଆ କର୍ମଚାରୀଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଅଶୋକ କୁମାର ମହାନ୍ତି, ପରମେଶ୍ୱର ସିଂ ଓ ଭାବାତୋଷ ବିଶ୍ୱାଳ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍) ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରିଛନ୍ତି। ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ୮ରୁ ୧୧ ବର୍ଷ ହେଲା ଜିନ୍ଦଲ ଷ୍ଟେନଲେସ ଲିଃ କାରଖାନାରେ ସେମାନେ ନିରବଚ୍ଛିନ ଭାବେ କାର୍ଯ୍ୟ କରି ଆସୁଥିଲେ। ସେମାନଙ୍କ କାର୍ଯ୍ୟଦକ୍ଷତା ପୂର୍ବରୁ ବହୁବାର ପ୍ରତିପାଦିତ ହୋଇସାରିଛି । ସେମାନଙ୍କ ନାମରେ କୌଣସି ପ୍ରକାର ଅଭିଯୋଗ ହୋଇନାହିଁ। କିନ୍ତୁ ସେମାନେ ଓଡ଼ିଆ କର୍ମଚାରୀ ହୋଇଥିବାରୁ ଅଣଓଡିଆ କର୍ମଚାରୀଙ୍କ ଦ୍ୱାରା ପ୍ରତାରିତ ହୋଇଆସୁଛନ୍ତି। ମାନସିକ କ୍ଷେତ୍ରରେ ପ୍ରତାରଣା ମାତ୍ରା ବଢି ବଢି ଚାଲିଛି। ଗତ ୧୮।୫।୨୦୧୯ରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାର ମାନବ ସମ୍ବଳ ବିଭାଗରୁ କେତେଜଣ କର୍ମଚାରୀଙ୍କୁ ଡାକରା ଆସିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଇସ୍ତଫା ପତ୍ରରେ ଦସ୍ତଖତ କରିବାକୁ କୁହାଯାଇଥିଲା। ତେବେ ଏଥିରେ କର୍ମଚାରୀମାନେ ରାଜି ନ ହେବାରୁ ଚୋରି କେସରେ ଫସାଇବା ସହିତ ସମସ୍ତ ବକେୟା ପାଉଣା ନ ଦେବା ପାଇଁ ଧମକ ଦିଆଯାଇଥିଲା। ଏଭଳିସ୍ଥିତିରେ ସେମାନେ ମାନସିକସ୍ତରରେ ମ୍ରିୟମାଣ ହୋଇ ଡରି ଯାଇଥିଲେ ଏବଂ ବାଧ୍ୟହୋଇ ଅନିଚ୍ଛା ସତ୍ତ୍ୱେ ଦସ୍ତଖତ କରିଥିଲେ ବୋଲି ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଏହାପରେ ୩୧।୫।୨୦୧୯ରେ ସେମାନଙ୍କଠାରୁ ପରିଚୟପତ୍ର ଜବରଦସ୍ତି ଛଡାଇ ନେବା ସହିତ ୧।୬।୨୦୧୯ ତାରିଖରୁ କାର୍ଯ୍ୟକୁ ନ ଆସିବାକୁ କୁହାଯାଇଥିଲା। ତେଣୁ ଏହା ଉପରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେହି ୩ କର୍ମଚାରୀ କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ରଙ୍କୁ ଅନୁରୋଧ କରିଥିଲେ। ତେବେ ଏଡିଏମ୍ ମିଶ୍ର ତୁରନ୍ତ ଶ୍ରମ କମିଶନରଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେବା ସହିତ ଆବଶ୍ୟକ ପଦକ୍ଷେପ ନିଶ୍ଚିତ ଭାବେ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାର ବାହ୍ୟ ସମ୍ପର୍କ ଅଧିକାରୀ ମୋତିପ୍ରକାଶ ରଥଙ୍କୁ ପଚାରିବାରେ, ଏଥିରେ ଓଡ଼ିଆ ଓ ଅଣଓଡିଆ କଥା ସମ୍ପୂର୍ଣ୍ଣ ଭିତ୍ତିହୀନ। ସମସ୍ତ ବର୍ଗର କର୍ମଚାରୀ କମ୍ପାନୀ ପାଇଁ ସମାନ । ଅଭିଯୋଗରେ କୌଣସି ସତ୍ୟତା ନାହିଁ। ନିୟମ ଅନୁସାରେ କମ୍ପାନୀ ପଦକ୍ଷେପ ନେଇଛି। କିଏ ସେମାନଙ୍କୁ ଧମକାଇ ଇସ୍ତଫା ପତ୍ରରେ ଦସ୍ତଖତ ନେଲେ ତାହା ସ୍ପଷ୍ଟ ଭାବେ ନାମ ରଖିବା ଉଚିତ ବୋଲି ରଥ ପ୍ରକାଶ କରିଛନ୍ତି।

**କଳିଙ୍ଗନଗର ଶିଳ୍ପାଞ୍ଚଳ**



କଳିଙ୍ଗନଗର ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଓଡ଼ିଆ କର୍ମଚାରୀ।

- ଜବରଦସ୍ତି ଇସ୍ତଫାପତ୍ରରେ ସ୍ୱାକ୍ଷର କରାଇଥିବା ଅଭିଯୋଗ
- ଏଡିଏମ୍‌ଙ୍କ ଦ୍ୱାରସ୍ଥ ହେଲେ ୩ କର୍ମଚାରୀ

### ଅଂଶୁଘାତରେ ଯୁବକ ମୃତ

ରସୁଲପୁର,୧୨।୬(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ନାୟକଙ୍କ ପୁଅ ସଂଜୀବ (୩୦)ଙ୍କର ବୁଧବାର ଅଂଶୁଘାତରେ ମୃତ୍ୟୁ ହୋଇଛି। ଅଂଶୁଘାତରେ ଆକ୍ରାନ୍ତଙ୍କୁ ଚିକିତ୍ସା ସକାଶେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିବା ସହ ମୃତ୍ୟୁ ଅଂଶୁଘାତଜନିତ ବୋଲି ପ୍ରକାଶ କରିଥିଲେ। ପରେ ଯୁବକଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ଚିକିତ୍ସା କେନ୍ଦ୍ରରେ ରଖାଯାଇଛି। ଏ ନେଇ ମୃତକର ସମ୍ପର୍କୀୟ ଭାଇ ଚିନ୍ତାମଣୀ ରାଉତ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ସଂଜୀବ ଘରେ ଥିବା ସମୟରେ ହଠାତ୍ ଛାତି ଓ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ପରିବାର ଲୋକଙ୍କ ପକ୍ଷରୁ ଚିକିତ୍ସା କରାଯିବାକୁ ଯାଜପୁର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# 'ମଡେଲ ସହର ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ'

ଯାଜପୁରରୋଡ଼,୧୨।୬(ନି.ପ୍ର.)

ବ୍ୟାସନଗର ପୌର ପରିଷଦ (ଯାଜପୁରରୋଡ଼) ଜିଲାର ମୁଖ୍ୟ ସହର ହୋଇଥିଲେ ମଧ୍ୟ ବିକାଶ କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ଏହାର ବିକାଶ ପାଇଁ ଏବେ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ବ୍ୟାସନଗର ସହରକୁ ମଡେଲ ସହରରେ ପରିଣତ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଅଞ୍ଚଳରେ ଡ୍ରେନର ସୁବିଧା ସହ ରାସ୍ତା ପ୍ରଶସ୍ତୀକରଣ ହେବ। ସହରରେ ୨ଟି ମାର୍କେଟ ନିର୍ମାଣ କରାଯିବ। ନହକା, ଚୋରଦା ଓ ଗୋଶାଳା ଛକଠାରେ ମାର୍କେଟ କମ୍ପ୍ଲେକ୍ସ କରାଯାଇ ଉଠା ଦୋକାନୀଙ୍କୁ ଥଇଥାନ କରାଯିବ। ସହରର ବିଭିନ୍ନ ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବ। ଏଥିପାଇଁ ଜିଲା ପ୍ରଶାସନ, ପୌର ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ପୌର ପରିଷଦ ପ୍ରଶାସକ ତଥା କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସହରର ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ଓ ଏକ ଆଧୁନିକ ପର୍ଯ୍ୟଟନ ସ୍ଥଳୀ ପାଇଁ ପର୍ଯ୍ୟଟନ ସଂସ୍କୃତି ବିଭାଗ ପକ୍ଷରୁ ୫୦୦ କୋଟି ଟଙ୍କା ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନୌବିହାର ପାଇଁ ବଡ଼ ପୁଷ୍କରିଣୀ ଖନନ ହେବ ଓ ମହାଭାରତୀୟର ଦୃଶ୍ୟାବଳୀ, ପାର୍କ, ହରିଣ ପାର୍କ, ଓ ସମଗ୍ର ସରୋବରକୁ ବନୀକରଣ କରାଯିବ। ଅନ୍ୟପକ୍ଷରେ ରାଜୀବ ଗାନ୍ଧୀ ଷ୍ଟାଡିୟମକୁ ପୌରପରିଷଦ କ୍ରିଡ଼ା ଯୁବ କଲ୍ୟାଣ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହାକୁ ଜିଲାସ୍ତରୀୟ ଷ୍ଟାଡିୟମରେ ପରିଣତ କରାଯିବ। ଏହା କଳିଙ୍ଗ ଷ୍ଟାଡିୟମ ଢାଞ୍ଚାରେ ନିର୍ମାଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପରେ ଆହୁରି ୧୦ କୋଟି ଟଙ୍କା ମଞ୍ଜୁର କରାଯିବ। ବ୍ୟାସଦେବ ଟାଉନହଲକୁ ଆଧୁନିକୀକରଣ କରାଯାଇ ଅଡିଟୋରିୟମରେ ପରିଣତ କରାଯିବ। ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବ। ଏହି ରାଜୀବ ଗାନ୍ଧୀ ଷ୍ଟାଡିୟମକୁ ପୌର ପରିଷଦ ପକ୍ଷରୁ ଚିଠି ନଂ. ୨୩/୨।୧।୨୦୦୯ରେ ମ୍ୟୁନିସିପାଲିଟି ପକ୍ଷରୁ ଜିଲା କ୍ରିଡ଼ା ବିଭାଗକୁ ହସ୍ତାନ୍ତର କରାଯାଇଛି।

### ୧୯ରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

ଯାଜପୁର ଟାଉନ,୧୨।୬(ଡିଏନଏ)

ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲର ଆୟୋଜନ କରାଯିବ। ଏ ସମ୍ପର୍କରେ ଏକ ବୈଠକ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିକ ବିପର୍ଯ୍ୟୟ ସମୟରେ କିପରି ଉଦ୍ଧାର କାର୍ଯ୍ୟ କରାଯାଇପାରିବ ସେଥିପାଇଁ ମକ୍‌ଡ୍ରିଲ ଆସନ୍ତା ୧୯ ତାରିଖ ଏନସି କଲେଜରେ ସକାଳ ୯ଟାରେ ଅନୁଷ୍ଠିତ ହେବ। ଏଥିରେ ସାଧାରଣ ଲୋକ ଯୋଗଦେଇ ନିଜର ଦକ୍ଷତା ଉପଯୋଗ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି। ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏଥିରେ ସାମିଲ କରାଯାଇ ସେମାନଙ୍କୁ ବିବିଧ କୌଶଳ ପ୍ରଦାନ କଲେ ବିପର୍ଯ୍ୟୟ ସମୟରେ ଆତ୍ମବିଶ୍ୱାସର ସହ ସେମାନେ ଉପଯୋଗ କରିପାରିବେ। ଏହି ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଜିଲାରେ ଥିବା ୨୬ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିବିଧ ଉପକରଣ ରହିଛି। ତାର ଅନୁଧ୍ୟାନ ଓ କାର୍ଯ୍ୟକରିତାକୁ ନିରୀକ୍ଷଣ କରି ଭବିଷ୍ୟତ ପାଇଁ ସଜାଗ ରଖିବାକୁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ଦେବାଶିଷ ପ୍ରଧାନ, ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା




କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର/ଧର୍ମଶାଳା,୧୨।୬(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ହାଇଟେକ୍ ଘରୋଇ ଯୁକ୍ତ ୨ ବିଜ୍ଞାନ କଲେଜରେ ବୁଧବାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜର ନିର୍ଦ୍ଦେଶକ ସନ୍ତୋଷ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଏକାଡେମୀ ପରାମର୍ଶଦାତା ବିଜୁଳି ଚରଣ ସୂତାର, କଲେଜର ପ୍ରଶାସନିକ ଅଧିକାରୀ ଚନ୍ଦ୍ରଶେଖର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ କଲେଜର ସଫଳତା ସମ୍ପର୍କରେ ବଖାଣିଥିଲେ। ଏହି ଅବସରରେ ଅନୁଷ୍ଠାନର ବିଦାର୍ଥୀ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା(ନିଟ୍)–୨୦୧୯ରେ କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ରୀ ଅମ୍ଳାନୀ ସତ୍ୟପ୍ରଜ୍ଞା ବଳ ଓ ଛାତ୍ର ଗଦାଧର ବିଶ୍ୱାଳ ଡାକ୍ତରୀ ପଢିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଛାତ୍ର ମହେଶ୍ୱର ପରିଡା ଜେଇ ମୁଖ୍ୟ ପ୍ରବେଶିକା ପରୀକ୍ଷାରେ ୯୫ଶତକଡା ନମ୍ବର ହାସଲ କରି ନିଟ୍‌ରେ ନାମ ଲେଖାଇବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହାଛଡା ଚଳିତବର୍ଷ ବିଜ୍ଞାନ ଫଳରେ କଲେଜ ପକ୍ଷରୁ ଟପ୍ପର ହୋଇଥିବା ଛାତ୍ର ଦେବୀପ୍ରସାଦ ରାଉତ, ୨ୟ ସମ୍ବିତ ବାହାଲିଆ ଓ ୩ୟ ସ୍ଥାନରେ ଥିବା ବିକ୍ରମ ଜେନା ପ୍ରମୁଖଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ପକ୍ଷରୁ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ତଲିମ ଶିବିର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଗନ ସେଠୀଙ୍କୁ ଚଳିତ ବର୍ଷ କଲେଜ ପକ୍ଷରୁ ମାଗଣା ଶିକ୍ଷା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ନିଷ୍ପତି ନିଆଯାଇଛି । କଲେଜର ଉପାଧ୍ୟକ୍ଷ ସନ୍ଦିପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' କମଳା, ବିମଳା ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରସୁଲପୁର,୧୨।୬(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଜଗନ୍ନାଥ ମନ୍ଦିର ପରିସରରେ ୩ଦିନ ବ୍ୟାପୀ ଚାଲିଥିବା ମା' କମଳା ଓ ବିମଳା ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶନିବାର ରାତିରେ କୁଣ୍ଡମଣ୍ଡଳ ସ୍ଥାପନ ସହ ଯଜ୍ଞ ପାଇଁ ପ୍ରସ୍ତୁତି କରାଯାଇଥିଲା। ରବିବାର ପ୍ରଭାତରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଜଳପୂର୍ଣ୍ଣ କଳସ ଧରି ଗାଁ ପରିକ୍ରମା କରିଥିଲେ। କଳସଧାରୀ ଯଜ୍ଞ ମଣ୍ଡପରେ ପହଞ୍ଚି ଜଳପୂର୍ଣ୍ଣ କଳସଗୁଡିକୁ ସ୍ଥାପନ କରିଥିଲେ । ୧୦ଜଣ ଯାଜ୍ଞିକ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ । ମଣ୍ଡପରେ ସୂର୍ଯ୍ୟପୂଜା, ଗୋପୂଜା, ନ୍ୟାସ ପୂଜା, ଚଣ୍ଡୀ, ଗୀତାପାଠ, ବେଦପାଠ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ବ୍ରାହ୍ମଣଗଣ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରି ହୋମକାର୍ଯ୍ୟ ଆରମ୍ଭ କରିଥିଲେ। ସନ୍ଧ୍ୟାରେ ଆଳତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏସବୁ ଦିନରେ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁ ଜଗନ୍ନାଥ ମନ୍ଦିର, ମା' ଲକ୍ଷ୍ମୀଦେବୀ ମନ୍ଦିର, ନୂତନ ମନ୍ଦିର ଓ ଯଜ୍ଞ ସ୍ଥଳକୁ ବୁଲି ଦେଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟହ ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ସକାଶେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଯଜ୍ଞ କାର୍ଯ୍ୟକୁ ରଙ୍କନିଧି ସାହୁ ସସ୍ତ୍ରୀକ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷ ଦିନରେ କୋରେଇ ବିଧାୟକ ଅଶୋକ କୁମାର ବଳ ଯଜ୍ଞସ୍ଥଳ ପରିଦର୍ଶନରେ ଆସିଥିଲେ। ବିଧାୟକ ବଳ ଯଜ୍ଞସ୍ଥଳରେ ପହଞ୍ଚି ମା'ଙ୍କ ଆଶିଷ ଲାଭ କରିଥିଲେ। ଏହି ଅବସରରେ ବିଧାୟକଙ୍କୁ ଇଚ୍ଛାପୁର ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।

### ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ

# ଏସ୍‌ପିଙ୍କୁ ଭେଟିଲେ ମା', ଝିଅ

କୋରେଇ,୧୨।୬(ସ୍ୱ.ପ୍ର.)

ମହିଳାଙ୍କ ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କଲେ ମଧ୍ୟ ଏବେ ବି ସେମାନେ ସଚେତନ ଓ ସୁରକ୍ଷିତ ନୁହନ୍ତି। ପାରିବାରିକ କଳହ ଓ ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳରେ ନ୍ୟାୟ ପାଇଁ ଯାଜପୁର ଥାନା ଅନ୍ତର୍ଗତ ଦେବିଦ୍ୱାର ହରିପୁର ଗ୍ରାମର ମା' ଓ ଝିଅ ବୁଧବାର ଏସ୍‌ପିଙ୍କୁ ଭେଟିଛନ୍ତି। ପ୍ରକାଶ ଯେ, ହରିପୁର ଗ୍ରାମର ମନସୁର ଗନିଙ୍କ ସ୍ତ୍ରୀ ହବିନୁବ ନେସାଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ମା'ଙ୍କ ସହ ହରିପୁରରେ ରୁହନ୍ତି। ଘରର ପୁରୁଷମାନେ ବାହାର ଦେଶରେ ରହୁଥିବାର କେବଳ ହବିନୁବଙ୍କ ସହ ତାଙ୍କ ବୃଦ୍ଧ ମା' କମରୁନା ନେସା (୭୫) ରହୁଥିଲେ। ହେଲେ ଜମିବାଡି ଓ ସାଧାରଣ କଥାକୁ ନେଇ ତାଙ୍କ ପଡୋଶୀ ବାରମ୍ବାର କଳିଗୋଳ କରନ୍ତି। ଏ ନେଇ ବାରମ୍ବାର ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଗତ ୮ ତାରିଖରେ ହବିନୁବଙ୍କ ପଡୋଶୀ ସେକ କମିରୁଦ୍ଦିନ, ସେକ ସାହାଜାହାନ, ମହମ୍ମଦ ଅହମ୍ମଦ ରାଜା, ହୁସନାର ବେଗମ, ଫରଜାନା ୟାସମିନା, ମହମ୍ମଦ ଜୁବେଦ, ଅପସନା ବେଗମ ପ୍ରମୁଖ ଗାଳିଗୁଲଜ ସହ ମାଡ ମାରି ସୁନା ଅଳଙ୍କାର ଛଡାଇ ନେଇଥିଲେ। ଏମିତିକି ତାଙ୍କ ମା' ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମା' ମରିବାକୁ ପଛାଇ ନ ଥିଲେ। ଏମିତିକି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏହି ଅସାମାଜିକ ବ୍ୟକ୍ତିଙ୍କ ବରୋଧରେ ଥାନାରେ ଜଣାଇବା ପରେ ପୋଲିସ ସେମାନଙ୍କୁ ଥାନାକୁ ଡାକିଥିଲା। ହେଲେ କିଛି ସମୟ ପରେ ଛାଡିଦେଇଥିଲା। ଫଳରେ ନିଜ ଜୀବନର ସୁରକ୍ଷା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସ୍‌ପିଙ୍କୁ ଗୁହାରି କରିଛନ୍ତ ହବିନୁବି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମା' ଝିଅ।

# ସ୍ୱାସ୍ଥ୍ୟ ବିଭାଗର ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ

ଯାଜପୁର ଟାଉନ,୧୨।୬(ଡିଏନଏ)

ଯାଜପୁର ଜିଲା ପରିଷଦର ୭ମ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର ମନମାନୀ କାର୍ଯ୍ୟକୁ ନେଇ ଅନେକ ସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱରୋଜଗାରୀ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ଜିଲାର ସମସ୍ତ ନବନିର୍ବାଚିତ ବିଧାୟକ, ବିଧାୟିକା ଓ ଏମ୍‌ପିଙ୍କୁ ସ୍ୱାଗତ ଜଣାଇଥିଲେ। ଏମ୍‌ପି ଶର୍ମିଷ୍ଠା ସେଠୀ ବୈଠକରେ ସ୍ୱାସ୍ଥ୍ୟସେବା ନେଇ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଦୀର୍ଘ ୯ବର୍ଷ ହେଲା ଜିଲା ସ୍ୱାସ୍ଥ୍ୟ ସମିତିର ବୈଠକ ହୋଇ ନ ଥିବା ନେଇ ବିସ୍ମୟ ପ୍ରକାଶ କରିଥିଲେ। ଏହା ସହିତ ଏନେଇ ଏକ ସ୍ୱତନ୍ତ୍ର ବୈଠକ ଡାକି କରାଯାଇଥିବା ସମସ୍ତ ଖର୍ଚ୍ଚର ଟିକିନିଖି ବିବରଣୀ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପି ସେଠୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବୈଠକର ଏଜେଣ୍ଡା ସମ୍ପର୍କରେ ତାଙ୍କ ସମେତ ସମସ୍ତ ବିଧାୟକ ଓ ସଭ୍ୟଙ୍କୁ ଯଥେଷ୍ଟ ପୂର୍ବରୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିକାଶ ପଥରେ ଅଗ୍ରଗତି କରୁଥିବା ଏହି ଜିଲାର ସମସ୍ତ ଉନ୍ନୟନ କାର୍ଯ୍ୟରେ ନିର୍ବାଚିତ ଜନପ୍ରତିନିଧିମାନେ ସହଯୋଗ କରିବାକୁ ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବୈଠକରେ ଯୋଗଦେଇ କେତେଜଣ ଅଧିକାରୀ ଜିଲାପରିଷଦ ସଭ୍ୟଙ୍କ ଦାବି ଓ ପ୍ରସ୍ତାବଗୁଡିକ ପ୍ରତି ଧ୍ୟାନ ଦେଉ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜଳସେଚନ ବିଭାଗର ଦାୟିତ୍ୱହୀନତାରୁ କିଭଳି ଚୋରାବାଲି ପରିବହନ ପାଇଁ ନଦୀବନ୍ଧଗୁଡିକ ଦୁର୍ବଳ ହେଉଛି ସେ ସମ୍ପର୍କରେ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଦ୍ୱାରା ଆଲୋଚନା ଫଳପ୍ରଦ ହୋଇପାରିବ ଓ ସମସ୍ତେ ବିଷୟବସ୍ତୁ ସମ୍ପର୍କରେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିବେ ବୋଲି ସେ କହିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସମସ୍ତ ବିଧାୟକ, ଏମ୍‌ପି ମିଳିମିଶି ଜିଲାର ବିକାଶ କାର୍ଯ୍ୟକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥି ତାଙ୍କ ବକ୍ତବ୍ୟରେ ଜିଲାକୁ ଆଗେଇ ନେବାରେ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ସକରାତ୍ମକ ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହିତ ପ୍ରଶାସନିକ ଅଧିକାରୀମାନେ ବିକାଶ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। କୋରେଇ ବିଧାୟକ ଅଶୋକ ବଳ ସ୍ୱାସ୍ଥ୍ୟ ବିଭାଗକୁ କଟାକ୍ଷ କରି ୯ବର୍ଷ ଧରି ଜିଲା ସ୍ୱାସ୍ଥ୍ୟ ସମିତିର ବିଧିବଦ୍ଧ ବୈଠକ କରା ନ ଯିବା ଏବଂ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ସମ୍ପର୍କରେ ସୂଚନା ରଖି ଏହା ବିଭାଗର ଏକ ନିୟମିତ ଅନିୟମିତତା ବୋଲି କହିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଏହି ନିର୍ବାଚନମଣ୍ଡଳୀଟି ବିଭିନ୍ନ ଦିଗରୁ ପଛୁଆ ହୋଇଥିବାବେଳେ ଏହାର ସାମଗ୍ରିକ ବିକାଶ ପାଇଁ ସମସ୍ତ ବିଧାୟକ, ଏମ୍‌ପିଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କର ସହଯୋଗ କାମନା କରିଥିଲେ। ବନ୍ୟା ପ୍ରଭାବିତ ବରୀକୁ ଏକ ମଡେଲ ନିର୍ବାଚନ ମଣ୍ଡଳୀ ଭାବେ ଗଢି ତୋଳିବା ପାଇଁ ତାଙ୍କ ଉଦ୍ୟମକୁ ସମସ୍ତେ ସହଯୋଗ କରିବେ ବୋଲି ଦାସ ଆଶାବ୍ୟକ୍ତ କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ, ପାନୀୟଜଳ, ପରିମଳ, କ୍ଷୁଦ୍ର ଜଳସେଚନ, ଜଳସେଚନ, କୃଷି ଏବଂ ଉଦ୍ୟାନ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକ ମଧ୍ୟରୁ କେତେକ କାର୍ଯ୍ୟକାରୀ ହୋଇ ନ ଥିବା ନେଇ କିଛି ସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସଦର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରୋଜ ମହାପାତ୍ର, ଧରଣୀଧର ଘଡେଇ, ଅରବିନ୍ଦ ସାମଲ, ଅଶୋକ ସାମଲ, ନିରଞ୍ଜନ ରାଉତ, ଭାଗ୍ୟଲକ୍ଷ୍ମୀ ରାଉତ, ମଧୁସ୍ମିତା ଦାସ, ଚତୁର୍ଭୁଜ ଦ୍ୱିବେଦୀ, ରଞ୍ଜିତା ସାମଲ, ଝରଣା ରାଉତ, ବିବେକାନନ୍ଦ ବୋଷ, ମାମିନା ମଲ୍ଲିକ, ମାତାଜୀ ଆଏଚ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର ମଞ୍ଚାସୀନ ଥିବାବେଳେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସମସ୍ତ ବିଧାୟକ, ବିଧାୟିକା ଓ ଏମ୍‌ପିଙ୍କୁ ଜିଲାପରିଷଦ ସଭାପତି ଏବଂ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ।




ଜିଲା ପରିଷଦ ବୈଠକରେ ମଞ୍ଚାସୀନ ଜିଲାପାଳ ଓ ଜନପ୍ରତିନିଧି।

**ଜିଲା ପରିଷଦର ୭ମ ବୈଠକ**

- ୯ବର୍ଷ ହେଲା ବସିନି ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ
- ବିସ୍ମୟ ପ୍ରକାଶ କଲେ ଏମ୍‌ପି
- ପୂର୍ବ ବୈଠକର ନିଷ୍ପତ୍ତିରୁ କେତେକ କାର୍ଯ୍ୟକାରୀ ହୋଇ ନ ଥିବା ନେଇ ଅସନ୍ତୋଷ

## ସଂକ୍ଷେପରେ

### ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ରତ୍ନଗିରି,୧୨।୬(ଡି.ଏନ.ଏ.)- ବରି ବ୍ଲକ ଅଧୀନ ବିଧାନ ଚନ୍ଦ୍ର ଏକାଡେମୀ ବାଲିଆପାଳର ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ବର୍ତ୍ତମାନର ଶିକ୍ଷକମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଏକତ୍ରିତ ହୋଇ ପୁରୁଣା ସ୍ମୃତି ସାଉଁଟିବା ସହ ଭାବର ଆଦାନପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସେକ୍ ଅବଦୁଲ ଖଲିକ, ଶଙ୍କର୍ଷଣ କର, ରତ୍ନାକର ପଣ୍ଡା, ମହେନ୍ଦ୍ର ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ସାହୁ, ଅଶୋକ ବାରିକ, ଶିବ ଶଙ୍କର ଜେନା, ବାବାଜୀ ଚରଣ ସାହୁ, ଯତିକୃଷ୍ଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିରଞ୍ଜନ ବେହେରା, ରମେଶଚନ୍ଦ୍ର ବିଶ୍ୱାଳ, ପଙ୍କଜ ପୃଷ୍ଟି, ଛାତ୍ରୀ କବିତା ମହାକୁଡ, ରୀନାରାଣି ବିଶ୍ୱାଳ, ସୁରେଖା ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କାର୍ଯ୍ୟରତ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପୂର୍ବତନ ଛାତ୍ରୀ କବିତା ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

### କଳିଙ୍ଗନଗର ମଜଦୁର ୟୁନିୟନ କାର୍ଯ୍ୟକାରୀ ସଭାପତି ବହିଷ୍କୃତ

କଳିଙ୍ଗନଗର,୧୨।୬(ଡି.ଏନ୍.ଏ.)- ଚଳିତ ନିର୍ବାଚନରେ ସଂଘ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ କଳିଙ୍ଗନଗର ମଜଦୁର ୟୁନିୟନ ମୈଥାନ ଇସ୍ପାତ ଲି. ମେସ୍କୋ-୨ ଶାଖାର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଲଙ୍କୁ ବହିଷ୍କୃତ କରାଯାଇଛି। ଏ ନେଇ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ କଳିଙ୍ଗନଗର ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ଆଜାର ଅହମ୍ମଦ ଖାଁ ସୂଚନା ଦେଇଛନ୍ତି। ଏଥିସହ ଶ୍ରମିକଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ପ୍ରଦୀପଙ୍କୁ ପ୍ରାଥମିକ ସଭ୍ୟ ପଦ ମଧ ରଦ୍ଦ କରାଯାଇଛି। ଏ ସମ୍ପର୍କରେ ପତ୍ର ମାଧ୍ୟମରେ କାରଖାନା ସିଇଓ (ମେସ୍କୋ-୨), ଜିଲା ଶ୍ରମ ଅଧିକାରୀ ଓ କଳିଙ୍ଗନଗର ମଜଦୁର ୟୁନିୟନ ସଭାପତିଙ୍କୁ ଅବଗତ କରାଯାଇଥିବା ଆଜାର କହିଛନ୍ତି।

### ଟିକର-ଶଙ୍ଖଚିଲା ରାସ୍ତା ଶୋଚନୀୟ

କୋରେଇ,୧୨।୬(ସ୍ୱ.ପ୍ର.)- ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଟିକର-ଶଙ୍ଖଚିଲା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲାବେଳେ ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହଡ଼ପ କରିଥିବା ଅଭିଯୋଗ ହେଉଛି। ୩ ବର୍ଷ ତଳେ ରାସ୍ତା ନିର୍ମାଣ ହୋଇଥିବାବେଳେ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ୫୦ରୁ ଊର୍ଦ୍ଧ୍ୱ ହମ୍ପସ୍ ନିର୍ମାଣ ଯୋଗୁ ଯାତାୟାତରେ ବାଧା ଉପୁଜିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ହେଲେ ଏହା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର ହୋଇଛି କି ନାହିଁ, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁରରୋଡରୁ ଶଙ୍ଖଚିଲା ଓ ସେଠାରୁ ଜାତୀୟ ରାଜପଥ ୧୬ ନଂ. ଟିକରକୁ ଏହି ରାସ୍ତା ଦେଇ ଯିବାକୁ ପଡେ। ଏଥିସହ ବ୍ୟାସନଗର ପୌରାଞ୍ଚଳ, ରସୁଲପୁରର ୨ଟି ପଞ୍ଚାୟତ ଓ କୋରାଇ ବ୍ଲକର ଖମଣ, ଜହ୍ନା, ବଡବିରୁହାଁ ଓ ଗୋଳେଇପୁର ପଞ୍ଚାୟତବାସୀଙ୍କ ପାଇଁ ଏହା ମୁଖ୍ୟ ରାସ୍ତା। ଏଥିସହ ପାଣିକୋଇଲି ଟୋଲ ଶୁଳ୍କ ଫାଙ୍କିବା ପାଇଁ ବହୁ ସଂଖ୍ୟାରେ କାର ସମେତ ମାଲ ବୋଝେଇ ୬/୧୦ଚକିଆ ଟ୍ରକ ଏହି ରାସ୍ତା ଦେଇ ନିୟମିତ ଯାତାୟାତ କରିବା ରାସ୍ତା ଶୋଚନୀୟର ଏକ କାରଣ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ୩ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ବଡ଼ବଡ଼ ଖାଲରେ ପରିଣତ ହୋଇ ମରଣଯନ୍ତା ପାଲଟିଥିବାବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ହେଲେ ଏହି ରାସ୍ତାର ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଆବଶ୍ୟକତା ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ରଜ ମଉଜ ପାଇଁ ସଜବାଜ

**ମହେନ୍ଦ୍ର କୁମାର ସ୍ୱାଇଁ**
ରତ୍ନଗିରି,୧୨।୬(ଡି.ଏନ.ଏ.)

ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅନୁଯାୟୀ ୧୨ ମାସରେ ୧୩ ପର୍ବ। ସେଥିମଧ୍ୟରୁ ରଜ ଅନ୍ୟତମ, ଯାହା ଗଣପର୍ବ ଭାବେ ପରିଚିତ। ଏହି ପର୍ବ ୩ ଦିନ ଧରି ପାଳିତ ହୋଇଥାଏ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନ ଶେଷ ରଜ ଭାବେ ପାଳନ କରାଯାଇଥାଏ। ଶେଷ ରଜ ପରଦିନ ବସୁମତୀ ସ୍ନାନ କରାଯାଇ ଏହି ଗଣପର୍ବର ପରିସମାପ୍ତି ହୁଏ। ରଜ ପାଇଁ ଘରେ ଘରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ସମସ୍ତେ ଏହି ପର୍ବକୁ ଧୁମଧାମରେ ପାଳିବା ପାଇଁ ପୂର୍ବଦିନ ପ୍ରସ୍ତୁତି ଆରମ୍ଭ କରିଥାନ୍ତି, ଯାହାକୁ ସଜବାଜ ବୋଲି କୁହାଯାଇଥାଏ। ସଜବାଜ ଦିନ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ ହୋଇଥାଏ। ଏହି ପର୍ବରେ ପୋଡ ପିଠାର ବିଶେଷ ଚାହିଦା ରହିଥାଏ। ଗୃହିଣୀମାନେ ଅରୁଆ ଚାଉଳ ବାଟି ଗୁଡ, ନଡ଼ିଆ, ଛେନା ମିଶାଇ କଦଳୀ ପତ୍ରରେ ଏହି ପିଠା ପ୍ରସ୍ତୁତ କରିଥାନ୍ତି। ପହିଲି ରଜ ସକାଳୁ ସକାଳୁ କୁଆଁରୀ ଝିଅମାନେ ସାଥି ହୋଇ ନଦୀରୁ ସ୍ନାନ ସାରି ନୂଆ ପୋଷାକ ପରିଧାନ କରିବା ସହ ନିଜକୁ ଅଳତା, ହଳଦୀ ଓ କୁଙ୍କୁମ ଲଗାଇ ରଜପାନ ଖାଇ ରଜ ପାଳିବାକୁ ବାହାରି ପଡନ୍ତି। ରଜ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ରଜସ୍ୱଳା। ଦୀର୍ଘ ୩ ଦିନ ଧରି ଚାଷୀ ପୃଥିବୀ ମାତା ଓ ହଳ ଲଙ୍ଗଳକୁ ପୂଜା କରିବା ସହ ଚାଷ କାମରୁ ବିରତ ରହିଥାନ୍ତି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଚାଷୀମାନେ ଏହି ୩ ଦିନ ବେଶ୍ ମଉଜ ଓ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ଯିଏ ଯେଉଁଠି ଥିଲେ ବି ସମସ୍ତେ ଗାଁକୁ ଆସିଥାନ୍ତି। କାରଣ ଗାଁରେ ରଜ ପାଳିବାର ମଜା ନିଆରା। ୩ ଦିନ ରଜ ପରେ ଚତୁର୍ଥ ଦିନ ବସୁମତି ସ୍ନାନରେ ଭିନ୍ନ ଏକ ପରମ୍ପରା ଦେଖିବାକୁ ମିଳିଥାଏ। ବସୁମତୀ ମା'କୁ ପିଢା, ଶିଳପୁଆ, ଦୁବଘାସ, ବର କୋଳିପତ୍ର, ଅରୁଆ ଚାଉଳ, ହଳଦୀ, ଚନ୍ଦନ, ସିନ୍ଦୁର ଓ ଫୁଲ ଆଦି ଦେଇ ଘରେ ସଞ୍ଚିତ ରଖିଥିବା ଶଷ୍ୟକୁ ନେଇ ପୂଜାର୍ଚ୍ଚନା କରାଯାଇଥାଏ। ବିଶେଷକରି ଶଙ୍ଖ ହୁଳହୁଳି ଦେଇ ପୃଥିବୀ ମା'କୁ ଆବାହନ କରି ବର୍ଷର କୃଷି କାର୍ଯ୍ୟ ଭଲ ହେବା ପାଇଁ ସ୍ମରଣ କରାଯାଇଥାଏ। ରଜ ଆସିଲେ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠେ। ରଜ ସହିତ ଦୋଳିର ନିବିଡ଼ ସମ୍ପର୍କକୁ ଆପଣାଇ ନେଇଥାନ୍ତି କୁମାରୀମାନେ। ଦୋଳିରେ ବସି ଗାଁ ବଗିଚାରୁ ଭାସି ଆସିଥାଏ ରଜ ଗୀତ, ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ... ବେଗେ ହୁଅ ସଜବାଜ। ହେଲେ ଆଧୁନିକ ଯୁଗରେ ରଜର ପରମ୍ପରା ବଦଳିଯାଇଛି। ବିଗତ ଦିନରେ ଗାଁର କୁମାରୀମାନେ ଦଳଦଳ ହୋଇ ଏ ସାହିରୁ ସେ ସାହି ବୁଲି ନିଜର ସମ୍ପର୍କୀୟଙ୍କୁ ଭେଟିବା ଦେଖିବାକୁ ମିଳୁନାହିଁ। ରଜର ମହତ୍ତ୍ୱ ବଢ଼ାଉଥିବା ବାଗୁଡ଼ି ଖେଳ କାଁଭାଁ କେତେକ ଜାଗାରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ଯୁବ ପିଢି ଏହି ନିଆରା ପରମ୍ପରାକୁ ମନେରଖିବା ଉଚିତ। ତେଣୁ ଏହି ଗଣପର୍ବର ଅନୁଭୂତିକୁ ନିଜ ଭିତରେ ସାଇତି ରଖିପାରିଲେ ଆଗାମୀ ଯୁବ ପିଢିକୁ ଶିକ୍ଷା ଦେବା କ୍ଷେତ୍ରରେ ସହାୟକ ହେବ।



## ଜୋର ଧରିଲା ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ଇସ୍ତଫା ଦାବି

କଳିଙ୍ଗନଗର,୧୨।୬(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଜନ ବିରୋଧୀ କାର୍ଯ୍ୟ, ଟେଣ୍ଡର ଫିକ୍ସିଂ ଓ ପିସି କାରବାରରେ ସମ୍ପୃକ୍ତିଥିବା ଅଭିଯୋଗ ଜୋର ଧରିଛି। ଏହାକୁ ନେଇ ବୁଧବାର ଦାନଗଦୀ ବ୍ଲକ ବିଜେଡି ପକ୍ଷରୁ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଇସ୍ତଫା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହିପରି ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଜନବିରୋଧୀ ଅଭିଯୋଗ କରି ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ପରେ କେତେଜଣ ବ୍ୟକ୍ତି ବିଶେଷଙ୍କ ହସ୍ତକ୍ଷେପ ଯୋଗୁ ତାଲା ଖୋଲା ଯାଇଥିଲା। ଏ ନେଇ ଯାଜପୁର ରୋଡ ଥାନାରେ ଅଧ୍ୟକ୍ଷ ଲୋପାମୁଦ୍ରା ନାୟକ ଏବଂ ଉପାଧ୍ୟକ୍ଷ ଅଭିଯୋଗ କରିଥିବାବେଳେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକଙ୍କ ପ୍ରରୋଚନାରେ କେତେଜଣ ବ୍ୟକ୍ତି ସରକାରୀ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ସେମାନଙ୍କ ବିରୋଧରେ କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯଦି ଜନବିରୋଧୀ କାର୍ଯ୍ୟ କରିଥିବା ପ୍ରମାଣ ହୁଏ ତାହାଲେ ନିଜ ପଦବୀରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ସେହପରି ଯଦି ବିଧାୟକ କୌଣସି ପିସି କାରବାରରେ ସମ୍ପୃକ୍ତି ଥିବାର ପ୍ରମାଣ ହୁଏ ତେବେ ସେ କ'ଣ କରିବେ ବୋଲି ମଧ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଧାୟକଙ୍କ ମତାମତ ମିଳିପାରି ନାହିଁ।



ଦାନଗଦୀ ବ୍ଲକ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ପ୍ରଦୂଷଣମୁକ୍ତ ସହର ହେବ ବ୍ୟାସନଗର

## ବିରୋଧ କରିବାରୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଯାଜପୁରରୋଡ଼,୧୨।୬(ନି.ପ୍ର.)

ଯାଜପୁରରୋଡ଼ ବା ବ୍ୟାସନଗର ସହରରେ ବିଭିନ୍ନ ମହଲ, ବ୍ୟବସାୟୀ ଅନୁଷ୍ଠାନ ଓ ବିଭିନ୍ନ ଉଠାଦୋକାନୀଗୁଡ଼ିକ ସେମାନଙ୍କର ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ଜରି ରାସ୍ତା ଉପରେ ପକାଇ ସହରର ପରିବେଶକୁ ଦୂଷିତ କରୁଥିଲେ। ବ୍ୟାସନଗର ସହରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ବୁଧବାର ଅପରାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ ସହରର ଗୋପବନ୍ଧୁ ଛକଠାରୁ ଚୋରଦା ଛକ ପର୍ଯ୍ୟନ୍ତ ନିୟମ ଉଲ୍ଲଂଘନ କରିଥିବା ବିଭିନ୍ନ ଅନୁଷ୍ଠାନ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିବା ସହ ୨ ଗୋଟି ଡଷ୍ଟବିନ୍ ରଖି ବର୍ଜ୍ୟବସ୍ତୁ ତାମଧ୍ୟରେ ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨ଟି ବ୍ୟବସାୟୀ ଅନୁଷ୍ଠାନ ଏହାକୁ ବିରୋଧ କରିବାରୁ ଜେସିବି ଲଗାଇ ସେମାନଙ୍କର ସେଡ୍ ଭାଙ୍ଗିଦେଇଥିଲେ। ସହରର ରିଲାଏନ୍ସ ସ୍ମାର୍ଟ ଜରିମାନା ଦେବାକୁ ସିଧାସଳଖ ମନା କରିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଦାସ ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସସ ଏଡିଏମ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ବେହେରା, ପୌର ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଯାଜପୁରରୋଡ଼ ପୋଲିସ ଓ ପୌର କର୍ମଚାରୀମାନେ ସାମିଲ ହୋଇଥିଲେ।


ପରିବେଶ ଦୂଷିତ କରୁଥିବା ଦୋକାନ ଉପରେ ଚଢାଉ କରାଯାଉଛି।

## ଚୋରମୁହାଁ କେନାଲ ବନ୍ଧ ରାସ୍ତା ବିପର୍ଯ୍ୟସ୍ତ

ଧର୍ମଶାଳା,୧୨।୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ କେନାଲ ବନ୍ଧ ରାସ୍ତା ଅତି ଶୋଚନୀୟ ହେବାରେ ଲାଗିଛି। ରାସ୍ତା ନିର୍ମାଣର କିଛି ବର୍ଷ ପରେ ରାସ୍ତାରୁ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହେବା ସହ କଳାପଥର ଉଠିଯାଇଛି। ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ଭୁବନ ଓ ଚୋରାମୁହଁ ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଦୈନନ୍ଦିନ ଶହଶହ ଗାଡି ଯାତାୟାତ କରୁଥିବାରୁ ଦୁର୍ଘଟଣା ମଧ ଘଟୁଛି। ତିନି ବର୍ଷ ତଳେ ଗ୍ରାମର ହଳଦିଆପଦାଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ୩ଶହ ମିଟର କେନାଲ ବନ୍ଧ ପିଚୁ କରାଯାଇଥିଲା। ଜାରକା ଜଳ ସେଚନ ବିଭାଗ ପକ୍ଷରୁ ବହୁ ଅର୍ଥବ୍ୟୟରେ ବ୍ୟୟରେ ଟେଣ୍ଡର କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁ ରାସ୍ତାଟି ଅତି ନିମ୍ନମାନର କରାଯାଇଥିବାରୁ ରାସ୍ତାକାମ ନିମ୍ନମାନର କାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତାଟିର ଅବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭତ୍ତା ନେଇ ଫେରିବାବେଳେ ବୃଦ୍ଧାଙ୍କ ମୃତ୍ୟୁ

**ଅଂଶୁଘାତଜନିତ ମୃତ୍ୟୁ ସନ୍ଦେହ**

କୋରେଇ,୧୨।୬(ସ୍ୱ.ପ୍ର.)

କୋରେଇ,୧୨।୬(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ଧନପୁର ଗ୍ରାମର ଜଣେ ବୃଦ୍ଧା ଭତ୍ତା ପାଇଁ ଆସିଥିବାବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରମ୍ଭା ପରିଡ଼ା। ଖବରପାଇ କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣା ମୁତାବକ ବୁଧବାର ଧନେଶ୍ୱର ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଥିଲା। ପଞ୍ଚାୟତର ବଭିନ୍ନ ଗ୍ରାମରୁ ବହୁ ହିତାଧିକାରୀ ଭତ୍ତା ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସଲେ। ଧନପୁର ଗ୍ରାମର ସ୍ୱର୍ଗତ ଜୟରାମ ପରିଡ଼ାଙ୍କ ପତ୍ନୀ ରମ୍ଭା ମଧ୍ୟ ଆସିଥିଲେ। ଭତ୍ତା ନେବାରେ ବିଳମ୍ବ ହେବାରୁ ଅଧିକ ସମୟ ଅପେକ୍ଷା କରିଥିଲେ। ଭତ୍ତା ଆଣି ଅନ୍ୟ ସହଯୋଗୀଙ୍କ ସହ ଘରକୁ ଫେରିବାବେଳେ ରାସ୍ତାରେ ମୁଣ୍ଡ ବୁଲାଇ ପଡ଼ିଯାଇଥିଲେ। ପରେ ଖବରପାଇ ପରିବାର ଲୋକେ କୋରେଇ ପୋଲିସକୁ ଖବର ଦେଇଥିଲେ। ତେବେ ଅଂଶୁଘାତରେ ରମ୍ଭାଙ୍କ ମୃତ୍ୟୁ ହୋଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

## ଗୋଖାଦ୍ୟ ବଣ୍ଟନରେ ଅନିୟମିତତା ଅଭିଯୋଗ

**ରସୁଲପୁର ବ୍ଲକ**

ରସୁଲପୁର,୧୨।୬(ଡି.ଏନ.ଏ.)

ବାତ୍ୟା 'ଫନୀ'କୁ ମାସାଧିକ କାଳ ବିତିଲାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଚାଉଳ ଓ ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା। ଲୋକଙ୍କୁ ୩ ଦିନ ଚାଉଳ ଦିଆଯାଇଥିଲାବେଳେ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରେ ରିଲଫ ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ସମ୍ପର୍କରେ ଅଭିଯୋଗ ଆସିଥିଲା। ଏବେ ଗୋଖାଦ୍ୟ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିଛି।

ସୂଚନାନୁଯାୟୀ, ବ୍ଲକକୁ ଗୃହପାଳିତ ପଶୁଙ୍କ ପାଇଁ ୫୦୦ ବସ୍ତା ଗୋଖାଦ୍ୟ ଆସିଥିଲା। ରସୁଲପୁର ବିଡିଓ ଉମାକାନ୍ତ ପରିଡା ଉକ୍ତ ଗୋଖାଦ୍ୟକୁ ଗ୍ରହଣ କରିବା ସହ ବ୍ଲକ ପଶୁ ଚିକିତ୍ସାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ବିଭାଗ ପକ୍ଷରୁ ୨୦୧୧ ପଶୁ ଗଣନା ତାଲିକା ଆଧାରରେ ଗୋଖାଦ୍ୟ ବଣ୍ଟନ କରିବାକୁ ପଞ୍ଚାୟତକୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଦାୟିତ୍ୱରେ ଥିବା ପଶୁ ନିରୀକ୍ଷକଙ୍କୁ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା। ସେମାନେ ପଞ୍ଚାୟତ କୋଟା ଗୋଖାଦ୍ୟ ବଣ୍ଟନ ଦାୟିତ୍ୱକୁ ପ୍ରତିନିଧିଙ୍କ ହାତକୁ ଟେକି ଦେଇଥିଲେ। ଫଳରେ ପ୍ରତିନିଧିମାନେ ସେମାନଙ୍କ ମନମୁତାବକ ବଣ୍ଟନ କରିଛନ୍ତି। କେତେକ ପଞ୍ଚାୟତରେ କମ୍ ସଂଖ୍ୟକ ଗୋରୁ ଥିବା ପରିବାରକୁ ଅଧିକ ଓ ଅଧିକ ଗୋରୁ ରଖିଥିବା ପରିବାରକୁ କମ୍ ପରିମାଣର ଖାଦ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ ପଶୁ ଚିକିତ୍ସାଧିକାରୀ ସୁନାକର ସାମଲଙ୍କୁ ପଚାରିବାରୁ, ୪୨ ହଜାର ଗୋରୁଗାଈଙ୍କ ପାଇଁ ୧୧୦ ଟନ୍ ଗୋଖାଦ୍ୟ ମଗାଯାଇଥିଲା। ସରକାରଙ୍କ ପକ୍ଷରୁ ମାତ୍ର ୧୦ ଟନ୍ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏତେ କମ୍ ଖାଦ୍ୟକୁ ଅଧିକ ଗୋରୁଙ୍କ ମଧ୍ୟର କେମିତି ବଣ୍ଟାଯିବ ବୋଲି ପାଲଟା ପ୍ରଶ୍ନ କରିଥିଲେ। ଏହାଛଡା ତାଙ୍କ ବିଭାଗରେ କର୍ମଚାରୀ ନ ଥିବାରୁ ସେ ବଣ୍ଟନ ଦାଇତ୍ୱ ସରପଞ୍ଚଙ୍କୁ ପ୍ରଦାନ କରିଥିଲେ ବୋଲି ପ୍ରକାଶ କରିଛନ୍ତି।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ



ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୧୨।୬(ଡିଏନଏ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଏକ ସଚେତନତା ସଭା ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜୀବନାନନ୍ଦ ପାଢୀ ଅଧ୍ୟକ୍ଷତା କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରୀତା ବେହେରା, ସଦସ୍ୟ ରୁଦ୍ର ନାରାୟଣ ପୃଷ୍ଟି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ଧାର୍ଯ୍ୟ ବିଷୟ 'ଶିଶୁ କଠିନ କାର୍ଯ୍ୟ କରିବ ନାହିଁ, ସଫଳ ସ୍ୱପ୍ନ ଦେଖିବ' ସଂକ୍ରାନ୍ତରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ରାଷ୍ଟ୍ରର ସମ୍ପଦ, ତା'ର ସୁରକ୍ଷା ଓ ଯତ୍ନ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆଲୋଚନା କରିଥିଲେ। ଏହି ସଭାରେ ପ୍ରାଧିକରଣ ସଦସ୍ୟ ହୃଷିକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବାଳାଶ୍ରମର ତତ୍ତ୍ୱାବଧାରକ ରତିକାନ୍ତ ପ୍ରଧାନ, ଜିଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଗୋଲକ ଚନ୍ଦ୍ର କରଣ ଓ ସୌମେନ୍ଦ୍ର ପ୍ରସାଦ ଦାଶ, ମିଥୁନ କୁମାର ନାୟକ, ଅରୁଣ କୁମାର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ବିପଦପୂର୍ଣ୍ଣଭାବେ ବୁହା ହେଉଛନ୍ତି ଯାତ୍ରୀ

# ପରିବହନ ବିଭାଗ ନୀରବ

ଚଣ୍ଡିଖୋଲ,୧୨।୬(ଡି.ଏନ.ଏ.)



■ ୩ ରାଜପଥର ମିଳନସ୍ଥଳ ଚଣ୍ଡିଖୋଲ ଛକ

■ ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁ ବଢୁଛି ଦୁର୍ଘଟଣା

ରାଜ୍ୟ ସରକାର ପରିବହନ ବ୍ୟବସ୍ଥାର ସୁଧାର ପାଇଁ ନିୟମ ପ୍ରଣୟନ କରିଥିବାବେଳେ ଏହାକୁ କଡ଼ାକଡ଼ି ଭାବେ ପାଳନ ପାଇଁ ଆଇନରେ ପରିବର୍ତ୍ତନ କରାଯାଇଛି। ବିପଦପୂର୍ଣ୍ଣ ଓ ବେଆଇନ ଭାବେ ଯାତ୍ରୀ ପରିବହନ କଲେ ଜାରିମାନା ସହ ଜେଲ ଦଣ୍ଡାଦେଶକୁ କଠୋର କରାଯାଇଛି। ହେଲେ ପରିବହନ ବିଭାଗ ଏହା ଦେଖି ନ ଦେଖିଲା ଭଳି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହନକୁ କେବଳ ପରିବହନ ବିଭାଗ ନୁହେଁ, ପୋଲିସ ମଧ ତନଖି କରିବାର କ୍ଷମତା ପାଇଥିଲାବେଳେ ଗାଡ଼ି ମାଲିକ ନିୟମ ଉଲ୍ଲଂଘନ କରୁଛନ୍ତି। ଏଭଳି ଦୃଶ୍ୟ କୌଣସି ପଶ୍ଚିମାଞ୍ଚଳ ନୁହେଁ, ଜାତୀୟ ରାଜପଥରେ ଦେଖିବାକୁ ମିଳୁଛି। ଟ୍ରାକ୍ଟର ଡାଲାରେ ଯାତ୍ରୀଙ୍କୁ ବିପଦଶଙ୍କୁଳ ଅବସ୍ଥାରେ ନିଆଯାଉଛି। ଏହାଦ୍ୱାରା ଦୁର୍ଘଟଣା ଘଟିବା ଅବଶ୍ୟମ୍ଭାବୀ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଚଣ୍ଡିଖୋଲ ହେଉଛି ୩ ଜାତୀୟ ରାଜପଥର ମିଳନସ୍ଥଳ। ଏହି ଛକ ଦେଇ ଦୈନିକ ଲକ୍ଷ ଲକ୍ଷ ସଂଖ୍ୟାରେ ଗାଡ଼ି ଯାଇଥାଏ। ସେଥିପାଇଁ ଏଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଯାଜପୁର ଜିଲାର ଏକମାତ୍ର ଟ୍ରାଫିକ୍ ଥାନା ରହିଛି। ସମସ୍ତ ଯାତ୍ରୀ ପରିବହନ ଓ ମାଲ ପରିବହନ କ୍ଷେତ୍ରରେ ତନଖି କରି ବେଆଇନ ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ବିଭାଗକୁ ଦିଆଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁ ଗାଡ଼ି ମାଲିକମାନେ ବେପାରୁଆ ଭାବେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଛି। କେତେକ ଟ୍ରେକରଗୁଡ଼ିକର ପରିମିଟ୍ ଶେଷ ହୋଇଯାଇଥିଲାବେଳେ ସେମାନେ ଅବାଧରେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଛି। ବହୁ ଗାଡ଼ିଗୁଡ଼ିକ ପୁରୁଣା ଏବଂ ଚାଲିବା ଅନୁପଯୋଗୀ ହୋଇଥିଲାବେଳେ ତାହା ମଧ ଜାତୀୟ ରାଜପଥ ଉପରେ ଅନାୟସରେ ବିଭାଗୀୟ ଅଧିକାରୀଙ୍କ ଜାଣତରେ ଚାଲୁଥିବା ଅଭିଯୋଗ ହେଉଛି। ରବିବାର ଚଣ୍ଡିଖୋଲ-ପାରଦୀପ ଜାତୀୟ ରାଜପଥ ଉପରେ ଏକ ଟ୍ରାକ୍ଟର ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଡାଲାରେ ବସାଇ ଚଣ୍ଡିଖୋଲ ଅଭିମୁଖେ ଆସୁଥିଲା। ଏପରିକି ସମ୍ପୃକ୍ତ ଟ୍ରାକ୍ଟରର ଡାଲା କଭର ନଥିଲାବେଳେ ଏଥିରେ ଥିବା ଯାତ୍ରୀମାନେ ତଳକୁ ଗୋଡ଼ ଓହଳାଇ ବସିଥିଲେ। ଯଦି କୌଣସି ସ୍ଥାନରେ ଖାଲଖମା ରହିଥାନ୍ତା, ତେବେ ସମସ୍ତଙ୍କ ଜୀବନ ବିପଦପୂର୍ଣ୍ଣ ହୋଇଥାନ୍ତା। କେବଳ ଏହି ଟ୍ରାକ୍ଟର ନୁହେଁ, ଏହି ଛକ ଦେଇ ଦୈନିକ ବହୁ ଗାଡ଼ିଗୁଡ଼ିକ ବେଆଇନ ଭାବେ ଯାତ୍ରୀ ପରିବହନ କରୁଥିଲେ ମଧ କୌଣସି ଅଧିକାରୀମାନେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ବିପଦପୂର୍ଣ୍ଣ ଭାବେ ଯାତ୍ରୀ ପରିବହନ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲ ମୋହନ ସେଠୀଙ୍କୁ ପଚାରିବାରୁ ସେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ପାଇନାହାନ୍ତି। ତଥାପି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ରାସ୍ତାରେ ଯାଞ୍ଚ କଲାବେଳେ ବେଆଇନ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବରୁଣା ଗ୍ରାମରେ ବୃକ୍ଷରୋପଣ, ରଜ ମହୋତ୍ସବ



ରାଜକନିକା, ୧୨।୬ (ଡି.ଏନ.ଏ): ରାଜକନିକା ବ୍ଲକ ଅଧୀନ ବରୁଣା ପଞ୍ଚାୟତ ପରିବେଶ ସୁରକ୍ଷା ସମିତି ପକ୍ଷରୁ ସାମୁହିକ ବୃକ୍ଷରୋପଣ ଓ ରଜମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବରୁଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ପରିବେଶବିତ୍ ଗୋପୀନାଥ ଦାସ ମୁଖ୍ୟଅତିଥି,ବରିଷ୍ଠ ଆଇନଜିବୀ ରାଧାକାନ୍ତ ତ୍ରିପାଠୀ, ବରୁଣା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କିଶୋର କୁମାର ବାରିକ, ସମ୍ଭାବନାର ସମ୍ପାଦକ ଶ୍ରୀକାନ୍ତ ନାୟକ, ଜାତୀୟ ମାନବାଧିକାରୀ କର୍ମୀ ନରେଶ ଚନ୍ଦ୍ର ସୂତାର, ଅକ୍ଷୟ କୁମାର ନାଥ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ସୁବାସ ଚନ୍ଦ୍ର ରାଉତ ଯୋଗଦେଇ ପରିବେଶର ସୁରକ୍ଷା ନ ହେଲେ ମାନବଜାତି ବଞ୍ଚିପାରିବ ନାହିଁ ବୋଲି ମତଦେଇଥିଲେ। ସେହିପରି ଆଦ୍ରଭୂମିଗୁଡିକୁ ମଣିଷ ନଷ୍ଟ କରିଚାଲିଛି। ଏହାର ସୁରକ୍ଷା ଅତ୍ୟନ୍ତ ଜରୁରୀ। ତେଣୁ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ କରିବାକୁ ସମସ୍ତେ ଆଗେଇ ଆସିବା ପାଇଁ ଅତିଥିମାନେ ଆହ୍ୱାନ ଦେବା ସହ ରଜ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ସୁରେଶ ଚନ୍ଦ୍ର ପରିଡା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ଶ୍ରୀକାନ୍ତ ନାୟକ ଓ ରାଧାକାନ୍ତ ତ୍ରିପାଠୀଙ୍କୁ ମୁଖ୍ୟଅତିଥି ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସ୍ଥିତି ପରଖିଲେ ବିଧାୟକ

ରାଜନଗର,୧୨।୬(ଡି.ଏନ.ଏ.): ରାଜନଗର ବ୍ଲକରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣାଧୀନ ରାସ୍ତାର ସ୍ଥିତି ସଂପର୍କରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ଅନୁଧାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ବ୍ଲକର ଆରଆଣ୍ଡବି ରୋଡ ଠାରୁ କହ୍ନୁଆ ଭାୟା ଚଣ୍ଡିଆପଲ୍ଲୀ, ଗୁଲୁଦିଆ, ବାଘୁଆ ରାସ୍ତା ନିର୍ମାଣ ଚାଲିଛି। ଏଥିପାଇଁ ୩ କୋଟି ୩୮ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ସେହିପରି ଆର ଆଣ୍ଡ ବି ରୋଡ ଠାରୁ ଡାଗୁଆ ଭାୟା ବେଣୁଧରପୁର ରାସ୍ତା ୨ କୋଟି ୩୦ ଲକ୍ଷ ୭୭ ହଜାର ବ୍ୟୟରେ ନିର୍ମାଣ ଚାଲିଛି। ସୋମବାର ବିଧାୟକ ସାହୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୁଣାଧର ସାମଲ ଓ ସହକାରୀ ଯନ୍ତ୍ରୀ ଉପେନ୍ଦ୍ର କୁମାର ବେହେରାଙ୍କ ସହିତ ଦୁଇଟି ରାସ୍ତା ବୁଲି ଦେଖିଛନ୍ତି। ରାସ୍ତା ଅନୁଧାନ ସମୟରେ ଗ୍ରାମବାସୀ ଗୁଲୁଦିଆ, ଚଣ୍ଡିଆପଲ୍ଲୀ ଓ କହ୍ନୁଆଠାରେ କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ। ବିଧାୟକ ଏହାକୁ ଅନୁଧାନ କରିବା ସହ ତୁରନ୍ତ ରାସ୍ତା କାମ ଠିକ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ, ଯୁବନେତା ଅଶୋକ କୁମାର ମହାନ୍ତି, ତ୍ରିଲୋଚନ ସାହୁ, ସୁଲେଖ ରାଉତ, ଅକ୍ଷୟ କୁମାର ନାୟକ, ନୃସିଂହ ଚରଣ ପଢିହାରୀ, ଅଶ୍ୱିନୀ ପ୍ରଧାନ, ନକୁଳ ଦାସ, କୁରୁଣ୍ଟି ପଞ୍ଚାୟତର ସରପଞ୍ଚ ଜୁମର କୁମାର ସ୍ୱାଇଁ, ସରକାରୀ ଓକିଲ ନଳିନୀକାନ୍ତ ମଙ୍ଗରାଜ, ଯୁବନେତା ଗଙ୍ଗାଧର ଦାସ, ରାଜେନ୍ଦ୍ର ପଢିହାରୀ, ସୌରଭ ଜେନା, ମନୋ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଅଭିଯୋଗର ୪ ଦିନ ପରେ ପୋଲିସର ନିଦ ଭାଙ୍ଗିଲା

# ମାଟିତଳୁ ମହିଳାଙ୍କ ମୃତଦେହ ଉଦ୍ଧାର

କେନ୍ଦ୍ରାପଡା ଅଫିସ୍, ୧୨।୬

ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗର ୪ ଦିନ ପରେ ନିକିରାଇ ଥାନା ପୋଲିସର ନିଦ ଭାଙ୍ଗିଛି। ଗତ ୯ ତାରିଖରେ ମହିଳାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ବୁଧବାର ଧୂମାତ ଶ୍ମଶାନରୁ ମାଟି ଖୋଳି ମୃତଦେହ ଉଦ୍ଧାର କରିଛି। ଏଥିସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ନିକିରାଇ ଥାନା ଅଧୀନ ଇନ୍ଦୁପୁର ବନ୍ଧସାହି ଗ୍ରାମର ଚିତ୍ରସେନ ମଲ୍ଲିକ ପଟ୍ଟାମୁଣ୍ଡାଇ ଥାନା ପଳସିଂହା ଗ୍ରାମର ପାର୍ବତୀ ମଲ୍ଲିକଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ପାର୍ବତୀଙ୍କୁ ଅଧିକାଂଶ ସମୟରେ ମାରପିଟ୍ କରୁଥିଲେ। ତେବେ ଗତ ୯ ତାରିଖରେ ପାର୍ବତୀ କଟକ ବଡ଼ ମେଡିକାଲରେ



ଧୂମାତ ଶ୍ମଶାନରୁ ମାଟି ଖୋଳାଯାଇ ମୃତଦେହ ଉଦ୍ଧାର କରାଯାଉଛି।

ଭର୍ତ୍ତି ହୋଇଥିବା ତାଙ୍କ ବାପଘର ଲୋକେ ଜାଣିବାକୁ ପାଇଥିଲେ। ହେଲେ ସେମାନେ ମେଡିକାଲରେ ପହଞ୍ଚିବା ବେଳକୁ ପାର୍ବତୀଙ୍କର ମୃତ୍ୟୁ ହୋଇଥିଲା। ଯୌତୁକ ପାଇଁ ଚିତ୍ରସେନ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାରୁ

**ଯୌତୁକ ପାଇଁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ**

ସେ ହିଁ ତାଙ୍କୁ ହତ୍ୟା କରିଥିବା ପାର୍ବତୀଙ୍କ ଭାଇ ରାଜନ ଗତ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୬୪/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଅଭିଯୋଗ ମିଳିବା ପରେ ବି ପୋଲିସ ୪ ଦିନ ପରେ ମୃତଦେହ ଜବତ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ କୁହନ୍ତି, ଅଭିଯୋଗ ପରେ ତଦନ୍ତ ହୋଇଥିଲା। ପାର୍ବତୀଙ୍କ ଦେହ ଖରାପ ଯୋଗୁ ଶାଶୁଘର ଲୋକେ ତାଙ୍କୁ ପ୍ରଥମେ ଇନ୍ଦୁପୁର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ପାର୍ବତୀଙ୍କ ମେଡିକାଲ ରିପୋର୍ଟ ମଧ୍ୟ ପୋଲିସକୁ ମିଳିଛି। ତେବେ ଚିତ୍ରସେନଙ୍କ ନାମରେ ହତ୍ୟା ମାମଲା ଥିବାରୁ ତାଙ୍କୁ ଗିରଫ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଥାନା ଅଧିକାରୀ ବାରିକ କହିଛନ୍ତି।

# ଚାନ୍ଦୋଳରେ ହେବ ଯାତ୍ରୀ ବିଶ୍ରାମାଗାର

ଡେରାବିଶ, ୧୨।୬ (ସ୍ୱ.ପ୍ର.)

■ ୨ ପ୍ରସ୍ତାବିତ ସ୍ଥାନରେ ମାପଚୁପ ସରିଲା
■ ଉପଯୁକ୍ତ ସ୍ଥାନରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ

କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳଠାରେ ଯାତ୍ରୀ ବିଶ୍ରାମାଗାର ହେବ। ଏ ନେଇ ବୁଧବାର ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ତହସିଲ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଛି। ପୂର୍ବରୁ ବସ୍‌ଷ୍ଟାଣ୍ଡ ଥିବା ସ୍ଥାନ ଓ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବା ସ୍ଥାନରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଛି। ତେବେ ଦୁଇଟିଯାକ ଜାଗା ମଧ୍ୟରୁ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଉପଯୁକ୍ତ ହେବା ସ୍ଥାନରେ ହିଁ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲଦାର ସମ୍ମିତ କୁମାର ଶତପଥୀ ସୂଚନା ଦେଇଛନ୍ତି। ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଶତପଥୀ, ଅତିରିକ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା, ଏବିଡିଓ ଭଞ୍ଜକିଶୋର ନାୟକ, ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସୁଧାଂଶୁ ଶେଖର ମହାନ୍ତି, ସୁପରଭାଇଜର ପ୍ରମୋଦ କୁମାର ସାହୁ ପ୍ରମୁଖ ଚାନ୍ଦୋଳଠାରେ ପହଞ୍ଚି ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିବା ସହ ମାପଚୁପ ଦେଖିଥିଲେ। ଏହି ସମୟରେ ସ୍ଥାନୀୟ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ, ବଜାର କମିଟି ସମ୍ପାଦକ ରତ୍ନାକର ନାୟକ, ପୂର୍ବତନ ସମିତିସଭ୍ୟ କୈଳାସ କର, ସରୋଜକାନ୍ତ ପଣ୍ଡା, ମିହିର କୁମାର ସାମଲ, ସୁମନ୍ତ କୁମାର ନାୟକ, ଦେବରାଜ ମହାପାତ୍ର, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚାନ୍ଦୋଳଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ଦାବିରେ ଚାନ୍ଦୋଳ ବ୍ୟବସାୟୀ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ତୁରନ୍ତ ଏହାର ନିର୍ମାଣ ଆରମ୍ଭ ନ ହେଲେ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ଖଡିଅଣ୍ଟା ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ

ପଟ୍ଟାମୁଣ୍ଡାଇ,୧୨।୬ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ୮ ମାସ ହେଲା କଖାରୁଣୀ ଓଭରହେଡ୍ ଟାଙ୍କିରୁ ପାଇପ ଯୋଗେ ଖଡିଅଣ୍ଟାକୁ ଆସୁଥିବା ପାଣି ବନ୍ଦ ହୋଇଯାଇଛି। ଏ ନେଇ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ହୋଇ ବସି ରହିବା ଜନ ଅସନ୍ତୋଷର କାରଣ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ବ୍ଲକ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ଭୂତଳ ଜଳସ୍ତର କମି ଯାଇଥିବାରୁ ଠିକ୍ ପରିମାଣରେ ପାନୀୟ ଜଳ ଉଠୁନାହିଁ। ଫଳରେ ଖଡିଅଣ୍ଟାବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ୩ଟି ଗଭୀର ନଳକୂପ ଥିଲେ ମଧ୍ୟ ତାହା ପାନୀୟ ଜଳ ସଙ୍କଟ ଦୂର କରି ପାରୁନାହିଁ। ଅନ୍ୟପକ୍ଷରେ କଖାରୁଣୀ ଓଭରହେଡ୍ ଟାଙ୍କିରୁ ଆସିଥିବା ପାଇପ୍ ଫାଟି କେନାଲରେ ପାଣି ପଶୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବାରୁ ପରିସ୍ଥିତି ସଙ୍ଗୀନ ହୋଇଛି। ଗ୍ରାମରେ ୬ଟି ପାନୀୟ ଜଳ ଟ୍ୟାପ୍ ରହିଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି। ମାତ୍ର ଆଦୌ ଟ୍ୟାପ୍ ନ ଥିବା ଅଜୟ ନାୟକ, ପ୍ରେମାନନ୍ଦ ଦାସ, ଜଗତ ଜୀବନ ମହାନ୍ତି, ରାଜକିଶୋର ପଲାଇ, ସୁଶାନ୍ତ ସାମଲ, ସୁରେଶ ସାମଲ, ବଟକୃଷ୍ଣ ମଲିକ, କାଳନ୍ଦୀ ମଲିକଙ୍କ ସମେତ ଗ୍ରାମବାସୀ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଦାବି ହେଉଛି।

# ୧୯ରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

କେନ୍ଦ୍ରାପଡା ଅଫିସ, ୧୨।୬

ଆସନ୍ତା ସପ୍ତାହ ମଧ୍ୟରେ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବ। ରାଜ୍ୟରେ ପ୍ରାୟ ୧୧୩ ପତିଶତ ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏହି ବର୍ଷା ଫଳରେ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ କେନ୍ଦ୍ରାପଡ଼ା ଜିଲାରେ ସଜାଗ ରହିବାକୁ ପଡ଼ିବ ବୋଲି ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଆୟୋଜିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ପାଇଁ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବନ୍ୟା, ବାତ୍ୟା ଓ ସୁନାମୀ ସମୟରେ ଲୋକଙ୍କୁ ସତର୍କ ସୂଚନା ଦିଆଯିବା ଆବଶ୍ୟକ। ଏହାର ଏକ ମକଡ୍ରିଲ ଆସନ୍ତା ୧୯ ତାରିଖରେ ହେବ। ଜିଲାରେ ଥିବା ଓସଡମାର ୭୨ଟି




ପ୍ରସ୍ତୁତି ବୈଠକରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଓ ରେଡ୍‌କ୍ରସ ପକ୍ଷରୁ ନିର୍ମିତ ହୋଇଥିବା ୧୯ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ କରାଯିବ। ଏଥିପାଇଁ ଓସଡମା ପକ୍ଷରୁ ପ୍ରସ୍ତୁତି ଚାଲିଥିଲେ ମଧ୍ୟ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବବର୍ଗ ସାମିଲ ହେବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଜିଲା ଜରୁରୀକାଳିନ ବିଭାଗ ପକ୍ଷରୁ ଡିଆରଡିଏ ହଲଠାରେ ଏହି ବୈଠକ ଆୟୋଜିତ ହୋଇଥିଲା।

ଏଥିରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ ଯୋଗଦେଇ ସତର୍କ ସୂଚନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ସାମ୍ୟକ ସୂଚନା ଦେଇଥିଲେ। ବୈଠକରେ ଜିଲା ଜରୁରୀକାଳିନ ଅଧିକାରୀ ସମ୍ମିତ ଶତପଥୀ ସୂଚନା ଦେଇଥିଲେ ଯେ, କେତେକ ଆଶ୍ରୟସ୍ଥଳରେ ସରଞ୍ଜାମର ଅଭାବ ରହିଛି। ଏହା ଅତିଶୀଘ୍ର ପୂରଣ କରାଯିବ। ତେବେ ରାଜନଗର, ଆଳି, ମହାକାଳପଡ଼ା ଆଦି ଅଞ୍ଚଳରେ ଥିବା ବିଭିନ୍ନ ଆଶ୍ରୟସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ବ୍ୟବହାର ଉପଯୋଗୀ ନ ଥିବା ଓ ଏଠାରେ ସରଞ୍ଜାମ ଯୋଗାଇ ଦେବାକୁ ବିପର୍ଯ୍ୟୟ ପ୍ରଶମନ କମିଟିର ସଦସ୍ୟମାନେ ଏଠାରେ ଦାବି କରିଥିଲେ। ବୈଠକରେ ପିଡି ଦିଲୀପ କୁମାର ପରିଡା, ସିଡିଏମଓ ଡା. ଉର୍ମିଳା ମିଶ୍ର, ଅଗ୍ନିଶମ ଅଧିକାରୀ ବି ବି ଟୁଡୁ, ନେଚର୍ସ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ବିରଜା ପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ବଦଳୁଛି ରାଜନୈତିକ ପାଣିପାଗ

# ଭାଜପାରେ ମିଶିଲେ ସ୍ୱାଧୀନ ପ୍ରାର୍ଥୀ

ଡେରାବିଶ, ୧୨।୬ (ସ୍ୱ.ପ୍ର.)

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟର ୧୪୭ ବିଧାନସଭା ଆସନ ମଧ୍ୟରୁ ୧୪୬ଟିରେ ନିର୍ବାଚନ ସରିଥିବା ବେଳେ କେବଳ ପାଟକୁରା ଆସନରେ ବିଭିନ୍ନ କାରଣ ନେଇ ନିର୍ବାଚନ ସ୍ଥଗିତ ରହିଛି। ତେବେ ଇତିମଧ୍ୟରେ ନିର୍ବାଚନ ତାରିଖ ଘୋଷଣା ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ ବଦଳିଛି ରାଜନୈତିକ ପାଣିପାଗ। ଏହି ଆସନରେ ମୋଟ ୧୦ ଜଣ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିବ୍ୟସିଂହ ଦାସ ଇତିମଧ୍ୟରେ ଭାଜପାରେ ମିଶିଛନ୍ତି, ଯାହାକୁ ନେଇ ପାଟକୁରାରେ ରାଜନୈତିକ ମାହୋଲ ବେଶ୍ ଉଷ୍ମ ହୋଇଥିବା ଜଣାପଡ଼ିଛି।

ସୋମବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତର ଛତାଛକସ୍ଥିତ ଏକ ମଣ୍ଡପରେ ଭାଜପାର ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱାଧୀନ ପ୍ରାର୍ଥୀ ଦିବ୍ୟସିଂହ ଦାସ ଭାଜପାରେ ମିଶିଥିଲେ। ଏହି ଅବସରରେ




ମିଶ୍ରଣ ପର୍ବରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ଅନ୍ୟମାନେ।

**ପାଟକୁରା ନିର୍ବାଚନମଣ୍ଡଳୀ**

ଜିଲା ପରିଷଦ ସଭ୍ୟ ଗଣେଶଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଭାଜପା ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ର ଉପସ୍ଥିତ ରହି ସ୍ୱାଧୀନ ପ୍ରାର୍ଥୀ ଦାସଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ତାଙ୍କ ସମର୍ଥକ ମଙ୍ଗୁଳି ଚରଣ ବାରିକ, ମନୋଜ କୁମାର ବାରିକ, ସଞ୍ଜୟ ମହାନ୍ତି, ଦୋଳଗୋବିନ୍ଦ ବାରିକ, ବାବୁଲି ମଲିକ ଓ ଗୌତମ ମଲିକ ପ୍ରମୁଖ ଭାଜପାରେ ମିଶିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ପୂର୍ବତନ ଜିଲା ସଭାପତି ସୁକାନ୍ତ ଦ୍ୱିବେଦୀ, ସରୋଜ ନାୟକ, ବୈଷ୍ଣବ ଚରଣ ସାହୁ ଓ ତ୍ରିଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଜନସେବା ସଂଗଠନର କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡା ଅଫିସ, ୧୨।୬

ଓଡ଼ିଶା ଜନସେବା ସଂଗଠନର କର୍ମକର୍ତ୍ତା ଚୟନ ବୁଧବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସହରର ଶାମଗୁଡ଼ିଆସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ଆବାହକ ଭାବେ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ସେହିପରି ପୂର୍ବତନ ଜିଲା ଆବାହକ ରଜତ ମହାନ୍ତିଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିଆଯାଇଛି। ପ୍ରଭାତ ରଞ୍ଜନ ଜେନା, ବୀରେନ୍ଦ୍ର ଦାସ, ଶ୍ରୀକାନ୍ତ ବାରିକ, କେଶବ ମିଶ୍ରଙ୍କୁ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ସଂଯୋଜକ ଏବଂ ବିକାଶ ସ୍ୱାଇଁଙ୍କୁ ଜିଲା କାର୍ଯ୍ୟାଳୟ ଅଧିକାରୀ ଭାବେ ମନୋନୀତ କରାଯାଇଛି। ବୈଠକରେ ରାଜ୍ୟ ସମ୍ପାଦକ ମହେନ୍ଦ୍ର ଗିରିଙ୍କ ସହ ବହୁ ସଦସ୍ୟ ସାମିଲ ହୋଇଥିଲେ।

# ରୋଗୀ ସେବାଠାରୁ ଦୂରରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ମାର୍ଶାଘାଇ,୧୨।୬(ଡି.ଏନ୍.ଏ.)

ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନା ନା ଅବ୍ୟବସ୍ଥା ଲାଗି ରହିଥିବାରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ।

ପ୍ରକାଶ ଯେ, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ପୂର୍ବରୁ ଏଠାରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ଓ ଭେଷଜ ବିଶେଷଜ୍ଞ ଥିଲେ। ମାତ୍ର ଦୀର୍ଘ ୧୨ ବର୍ଷ ଧରି ଏଠାରେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଣୁ ଗ୍ରାମାଞ୍ଚଳର ଗରିବ ଲୋକ ଏଠାରେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହରକତ ହେଉଛନ୍ତି। ସେହିପରି ଏଠାରେ ୧୬ ଗୋଟି ଶଯ୍ୟା ପାଇଁ ବ୍ୟବସ୍ଥା ଥିବା ବେଳେ ମାତ୍ର ୮ଟି ଶଯ୍ୟା ଯୋଗାଇ ଦିଆଯାଇଛି। ଫଳରେ ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ଚଟାଣରେ ଶୋଇବାକୁ ପଡୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱ ଦେଇ ୫ ନଂ(କ) ଜାତୀୟ ରାଜପଥ ଯାଇଛି। ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକାଂଶ ସମୟରେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତି ଚିକିତ୍ସା ପାଇଁ ଆସିଥାନ୍ତି । ଆହତ ରୋଗୀମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ବା କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରି ଦିଆଯାଉଛି। ଏହାଛଡା ଦୀର୍ଘ ୫ ମାସ ଧରି ଭାରପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡିଛି। ଜୁନିୟର ଡାକ୍ତର ଗୌରୀଶଙ୍କର ଦାସ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ଦାୟିତ୍ୱ ନେଇଛନ୍ତି । କିନ୍ତୁ ଏଠାରେ ଜଣେ ବରିଷ୍ଠ ଡାକ୍ତର ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନିକ ଅଙ୍କୁଶ ନାହିଁ। ଗତ କିଛି ଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆୟୁର୍ବେଦିକ ଔଷଧ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଯଥାଶୀଘ୍ର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ବିଶେଷଜ୍ଞ ପଦବୀ ପୂରଣ କରି ଜନସାଧାରଣଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ

ଡେରାବିଶ, ୧୨।୬ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଚାଟରାଚକଡା ପଞ୍ଚାୟତର ଛତାସ୍ଥିତ ଏକ ମଣ୍ଡପରେ ମଙ୍ଗଳବାର ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କୁରୁଜଙ୍ଗା ପଞ୍ଚାୟତର ୫ ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ବିଜେଡିରେ ମିଶିଥିଲେ। ଏହି ଅବସରରେ ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ପାଟକୁରା ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମାବେଶରେ ଯାଜପୁରର ବିଜେଡି ନେତା ଜନ୍ମେଜୟ ଲେଙ୍କା ଯୋଗଦେଇ ପାଟକୁରା ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଡେରାବିଶ ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ଗଣେଶ୍ୱର ବେହେରା, ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ଓ କୁରୁଜଙ୍ଗା ପଞ୍ଚାୟତ ବିଜେଡି ସଭାପତି ସତ୍ୟରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିୟନଶିପ ଉଦ୍‌ଯାପିତ

କେନ୍ଦ୍ରାପଡ଼ା ଅଫିସ, ୧୨।୬

ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ଭଲି ବଲ ଓ ବାସ୍କେଟବଲ ଚାମ୍ପିୟନଶିପ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭଲିବଲ ପ୍ରତିଯୋଗିତାରେ ଗତ ବର୍ଷର ଚାମ୍ପିୟନ ଟିମ୍ ଓଡ଼ିଶା ଫାୟାର ସର୍ଭିସେସ ନିଜର ସ୍ଥିତି ବଜାୟ ରଖିଛନ୍ତି। ସେହିପରି ବାସ୍କେଟବଲ ପ୍ରତିଯୋଗିତାରେ କୋରାପୁଟ ତୃତୀୟ ବାଟାଲିଅନ ଚାମ୍ପିୟନ ହୋଇଛି। କେନ୍ଦ୍ରାପଡ଼ା ଜିଲା ପୋଲିସ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ପଡିଆ, ସେଣ୍ଟ ଯୋଶେଫ ସ୍କୁଲ ଖେଳପଡିଆ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ ପରିସରରେ ଅନୁଷ୍ଠିତ ହୋଇଥିଲା। ଭଲିବଲ ଫାଇନାଲ ମ୍ୟାଚ୍ ଓଡ଼ିଶା ଫାୟାର ସର୍ଭିସେସ ଓ ଭୁବନେଶ୍ୱରସ୍ଥ ପୋଲିସ କମିସନରେଟ (ବି) ମଧ୍ୟରେ ହୋଇଥିଲା। ଏଥିରେ ଓଡ଼ିଶା ଫାୟାର ସର୍ଭିସେସ ଟିମ୍ ୩-୧ ସ୍କୋରରେ ବିଜୟୀ ହୋଇଛି। ସେହିପରି ବାସ୍କେଟ ବଲ ପ୍ରତିଯୋଗିତାରେ କୋରାପୁଟ ତୃତୀୟ ବାଟାଲିଅନ ଓ କଟକ ଷଷ୍ଠ ବାଟାଲିଅନ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଶେଷରେ ୬୪-୬୩ ପଏଣ୍ଟରେ କୋରାପୁଟ ତୃତୀୟ ବାଟାଲିଅନ ବିଜୟୀ ହୋଇଥିଲା। କେନ୍ଦ୍ରାପଡା



ଭଲିବଲ ବିଜେତା ଓଡ଼ିଶା ଫାୟାର ସର୍ଭିସେସ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଟାଉନ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଏଡିଜି ଏସ୍. କେ. ଉପାଧ୍ୟାୟ ମୁଖ୍ୟ ଅତିଥି ଓ ସେଣ୍ଟ୍ରାଲ ଆଇଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍ପି ନୀତିଶେଖର ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ ବିଜୟୀ ଦଳଙ୍କୁ ଟ୍ରଫି ଓ ସିଲ ପ୍ରଦାନ କରିଥିଲେ। ଏଥିସହିତ ଭଲିବଲ ବିଭାଗରେ ବେଷ୍ଟ ଆଟାକର ସଞ୍ଜିବ କେରକେଟା, ବେଷ୍ଟ ସେଣ୍ଟର ଖେଳାଳି ରେସମଲାଲ ସ୍ରେଷ୍ଟ, ବେଷ୍ଟ ଖେଳାଳି ସେକ୍ ପରଭେଜ୍, ବାସ୍କେଟ ବଲ ବିଭାଗରେ ବେଷ୍ଟ ସ୍କୋରର ଅଭିଶେକ ପୁଷ୍ପାଳକ, ବେଷ୍ଟ ଯୁବ ଖେଳାଳି ଜଓକିମ ଲାକ୍ରା, ବେଷ୍ଟ ଖେଳାଳି ଅଲେଖ ଲାକ୍ରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ପଙ୍କପାଳରେ ପୁଣି ମାଙ୍କଡ଼ ଆତଙ୍କ, ବୃଦ୍ଧ ଗୁରୁତର



**କୁଜଙ୍ଗ,୧୨।୬(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଅଧୀନ ପଙ୍କପାଳରେ ବୁଧବାର ପୁଣି ମାଙ୍କଡ଼ ଆତଙ୍କ ଦେଖାଦେଇଛି। ଏଥିରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ମଣିଜଙ୍ଗା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ବୃଦ୍ଧ ଜଣଙ୍କ ଶୌଚସାରି ଫେରୁଥିବା ବେଳେ ଏକ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ସେ ହେଲେ ଗ୍ରାମର ଦୋଳ ଗୋବିନ୍ଦ ମିଶ୍ର(୮୦)। ପ୍ରକାଶଯେ, ୧୫ ଦିନ ତଳେ ଦୋଳଙ୍କ ଭାଇ ଗଜେନ୍ଦ୍ର ମିଶ୍ରଙ୍କୁ ମାଙ୍କଡ଼ ଆକ୍ରମଣ କରିଥିଲା। ସେ ଏବେ କଟକ ବଡ଼ମେଡିକାଲରେ ଚକିତ୍ସାଧୀନ ଅଛନ୍ତି। ସେହିପରି ମଙ୍ଗଳବାର ପଙ୍କପାଳର ବାଞ୍ଛାନିଧି ମିଶ୍ରଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏହି ମାଙ୍କଡ କାମୁଡିଥିଲା। ମାଙ୍କଡ ଉପଦ୍ରବ ବିଷୟରେ ଗ୍ରାମବସୀ ଅଭିଯୋଗ କରିବା ପରେ ନନ୍ଦନକାନନ ଓ ବନବିଭାଗର କର୍ମଚାରୀ ଆସି ୨ଟି ଦନ୍ତାମାଙ୍କଡ ଧରିଥିଲେ। ମାତ୍ର ପ୍ରକୃତ ଆତଙ୍କ ସୃଷ୍ଟିକରୁଥିବା ମାଙ୍କଡ ଧରାପଡୁ ନ ଥିବାରୁ ବୁଧବାର ମହିଳାମାନେ ପ୍ରତିବାଦ କରି ପଙ୍କପାଳ ପଞ୍ଚାୟତ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସନ୍ଧ୍ୟାରେ ପଙ୍କପାଳ ଗ୍ରାମବାସୀ ଗୋପୀନାଥପୀଠରେ ଏକ ସମାବେଶ କରି କହିଛନ୍ତି, ତୁରନ୍ତ ଯଦି ଏହାର ସମାଧାନ କରା ନ ଯାଏ ତେବେ ବାଧହୋଇ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ। ସେହିପରି ବନବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବେ ବୋଲି ନାରୀନେତ୍ରୀ ମଞ୍ଜୁଲତା ସେଠୀ, ତିଲୋତ୍ତମା କଣ୍ଡ, ସୌଦାମିନୀ ଦାଶ ପ୍ରମୁଖ ଚେତାବନୀ ଦେଇଛନ୍ତି। ସମାବେଶରେ ସମିତିସଭ୍ୟ ପଦ୍ମନାଭ ସାହୁ, ତାପସ କୁମାର ଦାଶ, ନରେନ୍ଦ୍ର ନାୟକ, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଏକାଧିକ ମାମଲାରେ ସମ୍ପୃକ୍ତ ୭ ଅଭିଯୁକ୍ତ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୨।୬**

କିଛି ଦିନ ହେବ ଜଗତ୍‌ସିଂହପୁର ସହରରେ ଅପରାଧୀମାନେ ଦିନ ଦ୍ୱିପ୍ରହରରେ ମହିଳାଙ୍କ ବେକରୁ ସୁନା ଚେନ୍ ଛିନତାଇ କରି ନେବା ଖବର ପୋଲିସ କାର୍ଯ୍ୟକଳାପ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲା। ଏହାକୁ ନେଇ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ଅଭିଯାନ ଜୋରଦାର କରାଯାଇଥିଲା। ସୌଭାଗ୍ୟ ପୋଲିସ ଏଥିରେ କେତେକାଂଶରେ ସଫଳ ହୋଇଛି। ଜଣେ ଅନ୍ତଜିଲା ଅପରାଧୀଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି। ଏଥିସହ ୩ଟି ସୁନା ଚେନ୍ ଓ ୪ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପୁର ଥାନା ଜିରାରେ ଅବସ୍ଥାପିତ ତଥା ପାରାଦୀପ ଗଡ଼ ନିଁହିର ରାଜା ଓରଫ ବିଶ୍ୱନାଥ ନାୟକ (୨୬), ଜଗତ୍‌ସିଂହପୁର ଥାନା ପଳାଶୋଳର ବୁଣ୍ଟି ଓରଫ ସ୍ୱୟାଂଶୁ ସତ୍ୟରଞ୍ଜନ ଦାସ (୨୨), ଏହିଥାନା ଅଧୀନ ପଳସୁଧା ବାଉରୀ ସାହିର ନାଲୁଆ ଓରଫ ସଂଗ୍ରାମ ଦାସ (୨୧), ଓଳି ଓରଫ ସନାତନ ଦାସ (୨୧), ରଘୁନାଥପୁର ଥାନା ଜିରାର ଗାଣ୍ଡୁ ଓରଫ ନିରାକାର ଦାସ (୨୩), କୁଜଙ୍ଗ ଥାନା ଜଗନ୍ନାଥପୁରର ପୁପା ଓରଫ ଶକ୍ତି ରଞ୍ଜନ ମହାନ୍ତି ଓ ଏହିଥାନା ବଳରାମପୁରର ବାପି ଓରଫ ସୋମନାଥ ନାଥ (୨୧)। ରାଜା ହେଉଛନ୍ତି କିଙ୍ଗପିନ୍। ସେ କେବଳ ଜଗତ୍‌ସିଂହପୁର ନୁହେଁ ରାଜ୍ୟର ବିଭିନ୍ନ ଜିଲାରେ ଅପରାଧ ଘଟାଇଥିବା ଅଭିଯୋଗ ରହିଛି। ଅନ୍ୟମାନେ ଜିଲାର ପାରାଦୀପ, ଜଗତ୍‌ସିଂହପୁର ସମେତ ବିଭିନ୍ନ ଥାନା ଅଞ୍ଚଳରେ ଅପରାଧରେ ସମ୍ପୃକ୍ତ। ବୁଧବାର ଜଗତ୍‌ସିଂହପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଆୟୋଜିତ ସମ୍ମିଳନୀରେ ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ କହିଥିଲେ, ୩୦।୫।୧୯ ଓ ୮।୬।୧୯ରେ ଜଗତ୍‌ସିଂହପୁର ସହରରେ ପୃଥକ ଛିନତାଇ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଗୁରୁତର ସହ ନିଆଯାଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ତତ୍ପର ହୋଇଥିଲା। ଆୟୋଜିତ ଖବରଦାତା ସମ୍ମିଳନୀରେ ତଦନ୍ତକାରୀ ଅଧିକାରୀ ତଥା ଜଗତସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ୩୦।୫।୧୯ରେ ଅଭିଯୋଗକାରୀ ସ୍ଥାନୀୟ ଖେରସରର ଅନିତା ପ୍ରଧାନ ଦର୍ଶାଇଥିଲେ ସେ, ତାଙ୍କ ସ୍ୱାମୀ ଓ ପିଲାଙ୍କ ସହ ସାଇ ମନ୍ଦିର ଯାଇ ଫେରୁଥିବା ବେଳେ କୋର୍ଟ ଛକ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛିଡାଇ ନେଇଥିଲେ। ଏହା ଉପରେ ଜଗତ୍‌ସିଂହପୁର ଥାନାରେ ମାମଲା ସଂଖ୍ୟା ୧୯୦/୧୯ ରୁଜୁ ହୋଇଥିଲା। ସେହିପରି ଗୋପାଳସାଗରର ଘନଶ୍ୟାମ ସ୍ୱାଇଁ ଅଭିଯୋଗରେ ଦର୍ଶାଇଥିଲେ ସେ ତାଙ୍କ ସ୍ତ୍ରୀଙ୍କ ସହ ବାଇକ୍‌ରେ ଦଶ ନମ୍ବରରୁ ହାଟବଜାର ସତ୍‌ସଙ୍ଗ ବିହାର ଅଭିମୁଖେ ଯାଉଥିଲେ। ଠିକ ଏସ୍‌କେ ଏକାଡେମୀ ପଡିଆ ନିକଟରେ ଏକ ବାଇକ ଯୋଗେ ଦୁର୍ବୃତ୍ତ ଆସି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ୍ ଛିଡାଇ ନେଇଥିଲେ। ଅଭିଯୋଗ ପରେ ଜଗତସିଂହପୁର ପୋଲିସ ମାମଲା ସଂଖ୍ୟା ୨୧୨/୧୯ ରୁଜୁ କରିଥିଲା। ଏହା ପୂର୍ବରୁ ମଧ୍ୟ ଅନୁରୂପ ଅପରାଧିକ ମାମଲା ରହିଛି। ଏସବୁକି ଦୃଷ୍ଟିରେ ରଖି ପୋଲିସ ତତ୍ପର ହୋଇ ପଡିଥିଲା।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ଆଇଆଇସି ସୂଚନା ଦେଉଛନ୍ତି।

**ଜଗତ୍‌ସିଂହପୁର ଛିନ୍‌ତାଇ ମାମଲା**
- କିଙ୍ଗପିନ୍ ଜଣେ ଆନ୍ତଃ ଜିଲା ଅପରାଧୀ
- ସୁନା ଚେନ୍ ସହ ବାଇକ୍ ଜବତ

### ୭ମ ଅର୍ଥନୈତିକ ଉଦ୍ୟୋଗ ଗଣନା ନିମନ୍ତେ ପ୍ରଶିକ୍ଷଣ

# ସିଏସି ଦ୍ୱାରା ହେବ ଗଣନା

**ଜଗତ୍‌ସିଂହପୁର ଅଫିସ,୧୨।୬**

୫ ବର୍ଷ ପରେ ରାଜ୍ୟରେ ୭ମ ଅର୍ଥନୈତିକ ଉଦ୍ୟୋଗ ଗଣନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜଗତ୍‌ସିଂହପୁର ଜିଲାରେ ଥିବା ସଙ୍ଗଠିତ ଓ ଅଣସଙ୍ଗଠିତ ସଂସ୍ଥାଗୁଡିକୁ ଚିହ୍ନଟ ସହ ଗଣନା କରିବା ହେଉଛି ଏହି ଗଣନାର ମୂଳଲକ୍ଷ୍ୟ। ଏନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। ଏଥିରେ ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ପାଣି ଯୋଗଦେଇ କହିଥିଲେ, ୧୯୭୭ରେ ପ୍ରଥମେ ଉଦ୍ୟୋଗ ଗଣନା ଆରମ୍ଭ ହୋଇଥିଲା। ପରେ ୧୯୮୦, ୧୯୮୧, ୧୯୯୮, ୨୦୦୫ ଓ ୨୦୧୩ରେ ଗଣନା ହୋଇଥିଲା। ଗତ ଅର୍ଥନୈତିକ ଗଣନା କାର୍ଯ୍ୟରେ ବିଦ୍ୟାଳୟର ଶିକ୍ଷକ ନିୟୋଜିତ ଥିଲେ। ଏଥର କିନ୍ତୁ ଶିକ୍ଷକ ନିୟୋଜିତ ହେବେ ନାହିଁ। କାରଣ କମ୍ପ୍ୟୁଟର ବେସ୍‌ଡ ଆପ୍‌ରେ ଗଣନା ହେବ। ତେଣୁ ପଞ୍ଚାୟତସ୍ତରରେ ସିଏସି (କମନ ସର୍ଭିସ୍ ସେଣ୍ଟର) ପକ୍ଷରୁ ଏହି କାର୍ଯ୍ୟ କରାଯିବ। ପ୍ରଶିକ୍ଷଣ ଜିଲାପାଳ ଗୁହା ପୁନମ ତାପସ କୁମାର ପୌରୋହିତ୍ୟ କରି କହିଥିଲେ, ପଞ୍ଚାୟତର କମନ ସର୍ଭିସ ସେଣ୍ଟର କର୍ମକର୍ତ୍ତା ଏନୁମରେଟର ଭାବରେ ଘରକୁ ଘର ବୁଲି ଗଣନା କରିବେ। ଏଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ ଆପ୍‌ର ବ୍ୟବହାର କରାଯିବ। ଏନ୍‌ଏସ୍‌ଏସ୍‌ଓର ବରିଷ୍ଠ ପରିସଂଖ୍ୟାନ ଅଧିକାରୀ ତପନ ମିଶ୍ର ଯୋଗଦେଇ ସିଏସ୍‌ସି କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୁହାଯାଇଥିଲା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଶ୍ରେଣୀ ବିଭାଗ କରାଯାଇ ଗଣନା କରାଯିବ। ଏନୁମରେଟର ନିଯୁକ୍ତି ନିମନ୍ତେ ଯୁକ୍ତ ଦୁଇ ଯୋଗ୍ୟତା ସହିତ କମ୍ପ୍ୟୁଟର ଏବଂ ସୁପରଭାଇଜର ପାଇଁ ଡିଗ୍ରୀ ସହିତ କମ୍ପ୍ୟୁଟର ଜ୍ଞାନର ଆବଶ୍ୟକତା ରହିଛି। ଅଣସଙ୍ଗଠିତ ଉଦ୍ୟୋଗୀ ଜାତୀୟ ଆୟକୁ ଅଧିକ ଦାନ କରିବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ଜରୁରୀ ବୋଲି କୁହାଯାଇଥିଲା। ବୈଠକରେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଜ୍ୟ ରିସୋର୍ସ ପର୍ସନ ଓ ସିଏସ୍‌ସି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫୁଟବଲ୍ ମ୍ୟାଚ୍ ଉଦ୍‌ଘାଟିତ



ଦୂତୀ ଚାନ୍ଦ ଫୁଟବଲ ମ୍ୟାଚକୁ ଉଦ୍‌ଘାଟନ କରୁଛନ୍ତି।

**କୁଜଙ୍ଗ,୧୨।୬(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ନେତାଜୀ ଷ୍ଟାଡିୟମରେ ବୁଧବାର ଏକ ଫୁଟବଲ ମ୍ୟାଚ୍ ଉଦ୍‌ଘାଟିତ ହୋଇଛି। ଆନ୍ତର୍ଜାତିକ ଆଥଲେଟ ତଥା ଅଲିମ୍ପିକ୍ସ ପଦକ ବିଜେତା ଦୂତୀ ଚାନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ବିପିନ ତ୍ରିପାଠୀ, ମାୟଧର ଦାସ, ନେତାଜୀ ଆଥଲେଟିକ ଆସୋସିଏଶନ ସଭାପତି ବିନ୍ଦୁ ସାଗର ତରାଇ, ସମ୍ପାଦକ ଦୁଷ୍ମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଟ ଏବଂ କିସ ଆନୁକୂଲ୍ୟରେ ଅପରାହ୍ନରେ ମଙ୍ଗରାଜପୁରଠାରେ କନ୍ୟା କିରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଦୂତୀ ଯୋଗଦେଇ ନିଜ ସଫଳତା ସମ୍ପର୍କରେ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ମହିଳାଙ୍କୁ କନ୍ୟା ସନ୍ତାନ ଅଲୋଡ଼ା କିମ୍ବା ପୁଅଙ୍କଠାରୁ ନ୍ୟୁନ ନୁହନ୍ତି ବୋଲି ନିଜ ପରିବାର ଏବଂ ନିଜର ଉଦାହରଣ ପ୍ରଦାନ କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର କୁଳପତି ପ୍ରଫେସର ସସ୍ମିତ ସାମନ୍ତଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୧୯% ବୃଦ୍ଧି

**ସଚିବସ୍ତରୀୟ ବୈଠକ ଅନୁଷ୍ଠିତ**

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷର ଗତ ମେ ମାସ ଶେଷ ସୁଦ୍ଧା ଓଡ଼ିଶା ରାଜସ୍ୱ ସଂଗ୍ରହରେ ୧୯ପ୍ରତିଶତ ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବିଭିନ୍ନ ବିଭାଗର ରାଜସ୍ୱ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଜୁନ ଓ ଜୁଲାଇରେ ବଜେଟ ବିନିଯୋଗ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରି ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ କହିଛନ୍ତି ଯେ, ଏଥିପାଇଁ ଜାତୀୟସ୍ତରରେ ୩୦୬ ମାନାଙ୍କ ଚିହ୍ନଟ କରାଯାଇଛି । ଏଗୁଡିକରେ ପ୍ରାୟ ୧୮ଟି ବିଭାଗର କାର୍ଯ୍ୟ ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଓଡ଼ିଶା ପାଇଁ ପ୍ରଯୁଜ୍ୟ ଲକ୍ଷ୍ୟଗୁଡିକୁ ଚିହ୍ନଟ କରି ସେଗୁଡିକ ହାସଲ ନିମନ୍ତେ ସମୟ ଅନୁବନ୍ଧିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବାର୍ଷିକ ବଜେଟ ଆସନ୍ତା ୨୮ରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି। ଏଥିଲାଗି ନିଜନିଜ ବିଭାଗର ନୂଆ ପଦକ୍ଷେପ ବିଷୟରେ ତୁରନ୍ତ ଅର୍ଥ ବିଭାଗକୁ ଅବଗତ କରାଇବାକୁ ସେ କହିଛନ୍ତି। ବିଭିନ୍ନ ସରକାରୀ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଏବଂ ସାଧାରଣ ଉଦ୍ୟୋଗଗୁଡ଼ିକ ନିଜ ବିଭାଗ ପାଇଁ ଆବଶ୍ୟକ କ୍ରୟ ଅନ୍‌ଲାଇନ୍ ମାଧ୍ୟମରେ ଅର୍ଥାତ୍ 'ଜେମ୍ ପୋର୍ଟାଲ୍' ଦ୍ୱାରା କରିବାକୁ ବିଭାଗଗୁଡିକୁ ପରାମର୍ଶ ଦିଆଯାଇଛି। ଏଥିଲାଗି ଆବଶ୍ୟକ ତାଲିମ ଓ ସହାୟତା କୋଷାଗାର ଅଧକ୍ଷଙ୍କ କାର୍ଯ୍ୟାଳୟରେ ଥିବା ଜେମ୍ ପୋର୍ଟାଲ୍ ୟୁନିଟ୍ ଯୋଗାଇବ। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲ୍‌ରେ ୯୧୮ଟି ବ୍ୟବହାରକାରୀ ସଂସ୍ଥା ପଞ୍ଜୀକୃତ ହୋଇଛନ୍ତି।

ଚଳିତ ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ପୂର୍ବ ବର୍ଷର ଏହି ସମୟ ଅପେକ୍ଷା ବଢ଼ିଛି। ୨୦୧୮ ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୫୪୬୬ କୋଟି ଟଙ୍କା ହୋଇଥିଲା। ଚଳିତ ବର୍ଷ ମେ ସୁଦ୍ଧା ଏହା ୬୫୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷ ଅପେକ୍ଷା ଏଥର ୧୦୩୯ କୋଟି ଟଙ୍କା ଅଧିକ ରାଜସ୍ୱ ଆଦାୟ ହୋଇଛି। ଏହା ମଧ୍ୟରୁ ନିଜସ୍ୱ ଟିକସ ବାବଦରେ ୪୨୫୭ କୋଟି ଟଙ୍କା ସଂଗ୍ରହ ହୋଇ ୯.୨୫% ଏବଂ ଅଣଟିକସ ବାବଦରେ ୨୨୪୭ କୋଟି ଟଙ୍କା ସଂଗ୍ରହ ହୋଇ ୪୩.୨୧% ବୃଦ୍ଧି ହୋଇଛି। ଅଣଟିକସ ରାଜସ୍ୱ ବାବଦରେ ଇସ୍ପାତ ଓ ଖଣି ବିଭାଗର ଖଣି ରୟାଲ୍‌ଟିରେ ସର୍ବାଧିକ ୫୧.୧୮% ଏବଂ ଜଳ ସମ୍ପଦ ବିଭାଗ ଶିଳ୍ପ ପାଇଁ ଜଳ ଦେୟରେ ୧୬.୨୨% ବୃଦ୍ଧି ଘଟିଛି। ନିର୍ବାଚନ ଆଚରଣ ବିଧି ଯୋଗୁ ଗତ ମାସରେ ଯୋଜନା ଓ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ପରିମାଣ ପୂର୍ବ ବର୍ଷ ତୁଳନାରେ କମ୍ ରହିଛି। ମେ ଶେଷସୁଦ୍ଧା ଯୋଜନା ବାବଦରେ ବଜେଟ ବିନିଯୋଗ ୮୭୪୬ କୋଟି ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ତୁଳନାରେ ୧୯ପ୍ରତିଶତ କମ୍ ବୋଲି ଜଣାପଡିଛି।

# ଗୋଡ଼ା ବଜାରରେ ୪ ଦୋକାନ ଜଳିଗଲା

**ଏରସମା,୧୨।୬(ସ୍ୱ.ପ୍ର.):** ଏରସମା ଥାନା ଗୋଡ଼ା ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ ୪ ଦୋକାନ ଜଳିଯାଇଛି। ଦୋକାନ ଜଳୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଦୋକାନୀମାନେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ ଏରସମା ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଳିଥିବା ଦୋକାନ ମଧ୍ୟରେ ତିର୍ତ୍ତୋଲ ଥାନା ତଣ୍ଡିକୁଳ ପଞ୍ଚାୟତସ୍ଥିତ ଦୋଗଡା(ଶଙ୍କରସାହି)ଗ୍ରାମର ବୀରବର ଜେନାଙ୍କ ଗ୍ୟାରେଜ, ଶାଳିଓ ଗ୍ରାମର ଉମେଶ ମହାରଣା ଓ ଗୌତମ ମଣ୍ଡଳଙ୍କ ଫାଇବର ଆର୍ଟ, ବିଶ୍ୱନାଥ ମହାରଣାଙ୍କ ଫର୍ନିଚର ଦେକାନ ଥିଲା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁନ୍, ୨୦୧୯



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ôଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ,୧୨।୬:** ନୟାଗଡ଼ ଜିଲା ଇଟାମାଟି ଥାନା ବଡ଼ପଣ୍ଡୁସର ଛକ ନିକଟରୁ ବୁଧବାର ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅପରାହ୍ନରେ ମୃତଦେହ ପଡ଼ିଥିବା ଦେଖି ଲୋକମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ଏହାକୁ ଉଦ୍ଧାର କରି ତଦନ୍ତ ଚଳାଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଲୋକେ କହିବା କଥା ବୃଦ୍ଧା ଜଣକ ମାନସିକ ବିକାରଗ୍ରସ୍ତ। ବୁଧବାର ଖରାରେ ଯାଉଥିବାରୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

### ଦଶପଲ୍ଲାର ବିକାଶରେ ନିୟୋଜିତ ହେବେ ଅଚ୍ୟୁତ



**ଦଶପଲ୍ଲା,୧୨।୬ (ଡି.ଏନ.ଏ.):** ସ୍ଥାନୀୟ ତ୍ରିନାଥ ବଜାରସ୍ଥିତ ମେଳିଆ ତୋଟାଠାରେ ବୁଧବାର କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ସଭାରେ ଏମ୍‌ପି ସାମନ୍ତ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିକାଶ କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ସହ ବିଭିନ୍ନ ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ନେଇ ସର୍ବଦା ଚେଷ୍ଟା କରିବେ ବୋଲି କହିଥିଲେ। ସେହିପରି ବିଧାୟକ ବେହେରା ନିର୍ବାଚନମଣ୍ଡଳୀର ବିକାଶ ତଥା ଅଞ୍ଚଳବାସୀଙ୍କ ସୁଖଦୁଃଖରେ ସଦାସର୍ବଦା ଭାଗିଦାର ହୋଇ ରହିବେ ବୋଲି ମତପ୍ରକାଶ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତ ସମେତ ଏନ୍‌ଏସି ପକ୍ଷରୁ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇନଜୀବୀ ଦିଲୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### ଶ୍ମଶାନ ଜମି ଜବରଦଖଲକୁ ବିରୋଧ

**ଖୋର୍ଦ୍ଧା ଅଫିସ,୧୨।୬:** ଖୋର୍ଦ୍ଧା ସହରର ଜେମାଦେଇ ମୌଜାରେ ଥିବା ହାଡ଼ଗାଡିଆ ଶ୍ମଶାନ ଜବରଦଖଲ ହୋଇଛି। ଏହି ଶ୍ମଶାନ ଉପରେ ନିର୍ଭରଶୀଳ ମୁକୁନ୍ଦପ୍ରସାଦ, ଜେମାଦେଇ, ସାମନ୍ତରାପୁର, ଶାଗୁଆନ ବଗିଚା, ବୁଢ଼ି ବଗିଚା, ଠେଙ୍ଗାହାଟ, ନବୀନାବାଗ, ଉପରସାହି, ବାସେଲିସାହିର ଲୋକ ଜବରଦଖଲକୁ ବିରୋଧ କରୁଛନ୍ତି। ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ଭେଟି ଶ୍ମଶାନ ଜମି ଜବରଦଖଲ ନେଇ ବୁଧବାର ସ୍ମାରକପତ୍ର ଦେଇଛନ୍ତି। ଏହି ଶ୍ମଶାନ ମଧ ଦେଇ ପ୍ରସିଦ୍ଧ ଶକ୍ତୀପୀଠ ବରୁଣେଇକୁ ରାସ୍ତା ପଡିଛି। ପୂର୍ବରୁ କେତେଜଣ ଲୋକ ଓ କିଛି ଶିକ୍ଷ ଅନୁଷ୍ଠାନ ଶ୍ମଶାନ ଜମିକୁ ଅକ୍ତିଆର କରି ରହିଛନ୍ତି। ଏବେ ଏକ କମ୍ପାନୀ ଜବରଦଖଲ କରିଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ଜବରଦଖଲ ନେଇ ଉପଜିଲାପାଳ ଓ ଖୋର୍ଦ୍ଧା ତହସିଲଦାରଙ୍କୁ ମଧ ଅବଗତ କରାଯାଇଛି।

## ■ ଅବଧି ଶେଷହେବାର ୨ବର୍ଷ ବିତିବ
# ବିଜୁ ସେତୁ ଅଧାପନ୍ତରିଆ

**ଦଶପଲ୍ଲା,୧୨।୬(ଡି.ଏନ୍.ଏ)**

ଅଞ୍ଚଳର ବିକାଶ ସାଙ୍ଗକୁ ଲୋକଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅନେକ ସ୍ଥାନରେ ଯୋଜନାର ସୁଫଳ ଲୋକେ ପାଇପାରୁ ନାହାନ୍ତି। ଦଶପଲ୍ଲା ବ୍ଲକରେ ନିର୍ମାଣ ହେଉଥିବା ଏକ ସେତୁକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ବିଜୁ ସେତୁ ନାମରେ ଏହି ପୋଲ ନିର୍ମାଣ ହେଉଥିବାବେଳେ ଅବଧି ସରିବାର ୨ବର୍ଷ ବିତିବାକୁ ବସିଥିଲେ ମଧ ଶେଷ ହୋଇପାରି ନାହିଁ।

ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତର ଶିମିଳି ବେରଣା ଓ ଓଡ଼ଶର ମଧ୍ୟରେ ଖଳଖଳା ନାଳ ପ୍ରବାହିତ। ବର୍ଷାଦିନେ ବଢି ପାଣି ଆସିବା ଦ୍ୱାରା ପ୍ରାୟ ୫ ଖଣ୍ଡ ଗ୍ରାମର ଜନସାଧାରଣ ଯାତାୟାତରେ ହଇରାଣ ହୋଇଥାନ୍ତି। ସେ ସମୟରେ ଅଞ୍ଚଳ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡେ। ବାରମ୍ବାର ଦାବି ପରେ ବିଜୁ ସେତୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଉକ୍ତ ନାଳ ଉପରେ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଗଲା। ଦଶପଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉକ୍ତ ସେତୁ କାର୍ଯ୍ୟକାରୀ କରାଗଲା। ଏଥିନିମନ୍ତେ ଟେଣ୍ଡର ହୋଇଥିବାବେଳେ ବ୍ୟୟ ଅଟକଳ ୩୬୦.୧୨ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାର ଦୈର୍ଘ୍ୟ ୬୧.୨୬ ମିଟର ଥିବାବେଳେ ସ୍ପାନ ୨୫୩୦.୬୩ମିଟର ରହିଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ୧୧।୫।୨୦୧୬ ମସିହାରୁ ଆରମ୍ଭ ହୋଇ ୧୦।୮।୧୭ ମଧ୍ୟରେ ଶେଷ ହେବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଅବଧି ଶେଷ ହେବାର ୨ବର୍ଷ ସରିବାକୁ ବସିଥିଲେ ମଧ ପୋଲ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ନିର୍ମାଣ ହୋଇଥିବା ପିଲାର ଭାଙ୍ଗିବାକୁ ବସିଥିବା ବେଳେ ଏହା ଚାରିପଟେ ଜଙ୍ଗଲ ସୃଷ୍ଟି ହେଲାଣି। ପିଲାରରେ ବ୍ୟବହୃତ ଲୁହାଛଡ଼ରେ ମଧ କଳଙ୍କି ଲାଗିଗଲାଣି। ଏପରିସ୍ଥଳେ ସେତୁ କାର୍ଯ୍ୟ ଶେଷହେବା ନେଇ ସ୍ଥାନୀୟ ଲୋକେ ସନ୍ଦିହାନ ହୋଇପଡିଛନ୍ତି। ବର୍ଷା ଦିନ ଆସୁଥିବାରୁ ନାଳରେ ବଢିପାଣି ଆସିଲେ ସେମାନେ କିପରି ଅତିକ୍ରମ କରିବେ ତାକୁ ନେଇ ଚିନ୍ତିତ ଅଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସୁବୁଦ୍ଧିଙ୍କୁ ପଚାରିବାରୁ ସେ ସେତୁ ନିର୍ମାଣ କାର୍ଯ୍ୟ ଅଧା ହେବା ସହ ସମୟସୀମା ସରିଯାଇଥିବା ସ୍ୱୀକାର କରିଥିଲେ। ଏହାକୁ ନବୀକରଣ କରାଯାଇ ପୁନଶ୍ଚ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଥିଲେ।



ଅର୍ଦ୍ଧନିର୍ମିତ ସେତୁ।

# ଆଜି ରୁକ୍ମିଣୀଙ୍କୁ ହରଣ କରି ବିବାହ କରିବେ ଶ୍ରୀକୃଷ୍ଣ

**ଖଣ୍ଡପଡା,୧୨।୬(ସ୍ୱ.ପ୍ର.)**

କୁଣ୍ଡିନ ନଗର ରାଜା ଭୀଷ୍ମକଙ୍କ ଝିଅ ରୁକ୍ମିଣୀଙ୍କୁ ହରଣ କରି ବିବାହ କରିବେ ଶ୍ରୀକୃଷ୍ଣ। ଏହି ପରମ୍ପରା ଅନୁଯାୟୀ ଗୁରୁବାର କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବଜୀଉଙ୍କ ପୀଠରେ ରୁକ୍ମିଣୀ ବିବାହ ଅନୁଷ୍ଠିତ ହେବ। ରୁକ୍ମିଣୀଙ୍କ ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହିତ ରାଜା ଭୀଷ୍ମ ଝିଅର ବିବାହ ସ୍ଥିର କରିଥିଲେ । ଏହି କ୍ରମରେ ବୁଧବାର କନ୍ୟାଘର ପକ୍ଷରୁ ନୀଳମାଧବଜୀଉଙ୍କ ପୀଠରୁ ବରପକ୍ଷ ଶିଶୁପାଳଙ୍କ ଘରକୁ ଚିଟାଉ ଯାଇଥିଲା। ଏ ନେଇ ଶ୍ରୀ ନୀଳମାଧବଜୀଉଙ୍କ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କନ୍ୟାଘର ପକ୍ଷରୁ ନୀଳମାଧବ ଜୀଉ ପୂଜକ ସମାଜର ସଦସ୍ୟମାନେ ପରିଚାଳନା କରିଥିଲେ। ବିବାହ ଲଗ୍ନ ଅବସରରେ ବୁଧବାର ଶୁକ୍ଳପକ୍ଷ ଦଶମୀ ତିଥିରେ ଠାକୁରଙ୍କ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଥା ଅନୁସାରେ ନୀଳମାଧବ ଜୀଉଙ୍କ ସାୟଂକାଳୀନ ପୂଜାବିଧି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସୁବେଶ କରାଇ ସଂକୀର୍ତ୍ତନ ସହ ମହାସମାରୋହରେ ମନ୍ଦିର ପରିକ୍ରମା କରାଯାଇଥିଲା । ତୁଳସୀ ଚଉରା ନିକଟରେ ଠାକୁରଙ୍କୁ ବିଜେ କରାଯାଇ ପୂଜକ ପଞ୍ଚ ଉପଚାର ପୂଜାବିଧିରେ ପୂଜାର୍ଚ୍ଚନା ଓ ଆଳତି ସମ୍ପାଦନ କରିବା ପରେ ଚିଟାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁବାର ରୁକ୍ମିଣୀ ଓ ଶିଶୁପାଳଙ୍କ ମଧ୍ୟରେ ବିବାହ ଓ ହସ୍ତଗଣ୍ଠି ପଡିବା ପାଇଁ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ଦିନଧାର୍ଯ୍ୟ ହୋଇଛି । ମାତ୍ର ରୁକ୍ମିଣୀ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ନିଜର ପତି ରୂପେ ବାଛି ନେଇଥିଲେ । ତାଙ୍କୁ ଗୋପନରେ ନେଇଯିବା ପାଇଁ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ସୂଚନା ଦେଇଥିଲେ । ପୁରାଣର ଏହି କଥାବସ୍ତୁକୁ ଆଧାରକରି ଗୁରୁବାର ଶୁକ୍ଳ ଏକାଦଶୀ ତିଥିରେ ପୂର୍ବ ଯୋଜନା କ୍ରମେ ରୁକ୍ମିଣୀ ନୀଳମାଧବ ଜୀଉ ମନ୍ଦିର ପରିସରରେ ଥିବା ବିମଳା(ପାର୍ବତୀ)ଙ୍କ ମନ୍ଦିରରେ ଅପେକ୍ଷା କରି ରହିଥିବା ବେଳେ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ(ଦ୍ୱାରିକାଧିପତି ଶ୍ରୀକୃଷ୍ଣ) ସେଠାରେ ପହଞ୍ଚି ତାଙ୍କୁ ହରଣ କରିନେବେ। ପରେ ପାରମ୍ପରିକ ରୀତିରେ ନୀଳମାଧବ ଜୀଉଙ୍କ ମୁକ୍ତି ମଣ୍ଡପରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ଏଥିପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

## ■ ପାଟବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ
# ବର୍ଷା ପୂର୍ବରୁ ଜଳଭଣ୍ଡାର ପୁନରୁଦ୍ଧାର ଦାବି

**ବୋଲଗଡ଼,୧୨।୬(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟବନ୍ଧଠାରେ ମା’ ବୁଢୀଦେଇ ସିଂହନାଦ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ୧୯୯୬ରେ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୦୪ରେ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରକଳ୍ପ ଯୋଗେ ୨୫୦ ହେକ୍ଟର ଜମି ଜଳସେଚିତ ହୋଇଥାଏ। ୨ଟି ପାହାଡକୁ ପ୍ରାୟ ୧ କିମି ଦୈର୍ଘ୍ୟ ବିଶିଷ୍ଟ ବନ୍ଧ ଦ୍ୱାରା ସଂଯୋଗ କରାଯାଇ ପ୍ରକଳ୍ପଟି ନିର୍ମାଣ କରାଯାଇଛି। ହେଲେ ଏହି ଜଳଭଣ୍ଡାରରେ ବର୍ଷା ଜଳ ଜମା ହେବା ସହ ପାହାଡ଼ ଏବଂ ଜଙ୍ଗଲ ଅଞ୍ଚଳରୁ ବର୍ଷା ଜଳରେ ଧୋଇହୋଇ ଆସୁଥିବା ପଟୁମାଟି ଜଳଭଣ୍ଡାରକୁ ପୋତି ପକାଉଥିବା ବିଭିନ୍ନ ମହଲରେ କୁହାଯାଇଛି । ତେଣୁ ବର୍ଷାଦିନ ପୂର୍ବରୁ ଖୋଳାଯାଇ ଜଳଭଣ୍ଡାରଟିକୁ ପୁନରୁଦ୍ଧାର କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି। ତୁରନ୍ତ ପୁନରୁଦ୍ଧାର ନ ହେଲେ ଜଳଭଣ୍ଡାରଟି ସମ୍ପୂର୍ଣ୍ଣ ପୋତି ହେବାର ଆଶଙ୍କା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ମୁଣ୍ଡିଆପାହାଡ଼, ନାଗାପଲ୍ଲୀ ଜଙ୍ଗଲ ଅଞ୍ଚଳର ବର୍ଷାଜଳକୁ ଏହି ପ୍ରକଳ୍ପ ମାଧ୍ୟମରେ ଜଳଭଣ୍ଡାରରେ ଗଚ୍ଛିତ କରାଯାଇଥାଏ। କେନାଲ ମାଧ୍ୟମରେ ସାଗରଗାଁ ଏବଂ ବାଙ୍କୋଇ ପଞ୍ଚାୟତ ଅଞ୍ଚଳର କିଛି ଜମିକୁ ଉକ୍ତ ପ୍ରକଳ୍ପରୁ ଜଳସେଚନ କରାଯାଇଥାଏ। ସାଗରଗାଁ ପଞ୍ଚାୟତସ୍ଥ ଜରିପଡ଼ା, ଗୋଡିଆଳି, ପାଟବନ୍ଧ, ସାଗରଗାଁ, କୃଷ୍ଣପୁରବାରଦାଣ୍ଡି, ହଳଦିପଦା ଓ ବେଣାଗାଡିଆ ଅଞ୍ଚଳର ଖରିଫ ଧାନ ଜମିକୁ ମଧ ଏହି ପ୍ରକଳ୍ପରୁ ଜଳସେଚିତ କରାଯାଇଥାଏ। ସେହିପରି ବାଙ୍କୋଇଦେଶ ପଞ୍ଚାୟତସ୍ଥ ଗର୍ଭଣୀପଡ଼ା ଓ ବାଙ୍କୋଇ ଗ୍ରାମ ଅଞ୍ଚଳର କେତେକ ଜମିକୁ ମଧ ପ୍ରକଳ୍ପରୁ ଜଳସେଚିତ ହୋଇଥାଏ । ତେବେ ଜଳଭଣ୍ଡାରକୁ ପୋତି ପକାଉଥିବା ମାଟି, ପଙ୍କ ଆଦି ବର୍ଜ୍ୟବସ୍ତୁକୁ ବର୍ଷାଦିନ ପୂର୍ବରୁ ଉଦ୍ଧାର ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରକଳ୍ପରୁ ୩ଟି କେନାଲ ମାଧ୍ୟମରେ ଜମିକୁ ଜଳସେଚିତ କରାଯାଉଛି। ଏହି କେନାଲଗୁଡିକୁ ମଧ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ କୁହାଯାଇଛି। ଲୋକଙ୍କ ଯାତାୟାତ ସୁବିଧା ପାଇଁ ପାଟବନ୍ଧ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ରହିଛି। ତେବେ ଏହି ଗ୍ରାମ ମୁଣ୍ଡଠାରୁ ପ୍ରକଳ୍ପ ପର୍ଯ୍ୟନ୍ତ ପ୍ରାୟ ଅଧା କିମି ରାସ୍ତାକୁ ପକ୍କା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବୋଲଗଡ଼ ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ରାଉତ କୁହନ୍ତି, ପ୍ରକଳ୍ପର କେନାଲ କାର୍ଯ୍ୟ ସମ୍ପ୍ରସାରଣ ସହିତ ଜଳଭଣ୍ଡାରରୁ ମାଟି ଖୋଳାଯିବା ପାଇଁ ଲକ୍ଷ୍ୟ ରହିଛି ।



ପୋତି ହୋଇଯାଇଥିବା ଜଳଭଣ୍ଡାର ।

### ଓଡ଼ଗାଁ କ୍ରିକେଟ ଲିଗ୍, ଜୟ ଶ୍ରୀରାମ ସେମିରେ

**ଓଡ଼ଗାଁ,୧୨।୬(ସ୍ୱ.ପ୍ର.)**

ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରଜ ଉପଲକ୍ଷେ ମଙ୍ଗଳବାର ଆରମ୍ଭ ହୋଇଥିବା ୧୨ତମ ଓଡ଼ଗାଁ କ୍ରିକେଟ ଲିଗ୍‌ର ବୁଧବାର ୨ୟ ଦିବସରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୧ମ ମ୍ୟାଚ୍ ମହାବୀର ମାଇଟ ମାଷ୍ଟର ଓ ସିଭିଲ ଡିଫେନ୍ସ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମହାବୀର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୭୨ ରନ କରିଥିଲା। ପ୍ରତିପକ୍ଷ ଡିଫେନ୍ସ ଏକାଡେମୀ ୪ ଉଇକେଟ ହରାଇ ମାତ୍ର ୫୯ ରନ କରି ମ୍ୟାଚଟି ହାରିଯାଇଥିଲା। ୨ୟ ମ୍ୟାଚ ଜୟ ହୋ ସହିତ ଇଲେଭେନ ଏମ୍ପରର୍ସ ମଧ୍ୟରେ ହୋଇଥିବା ବେଳେ ଜୟ ହୋ ପ୍ରଥମେ ବ୍ୟାଟିଂ କରି ୭୦ ରନ୍ କରିଥିଲା । ଇଲେଭେନ ଏମ୍ପରର୍ସ ୨ ଉଇକେଟ ବିନିମୟରେ ଆବଶ୍ୟକ ୭୧ ରନ୍ କରି ବିଜୟୀ ଷୋଷିତ ହୋଇଥିଲା। ପରେ ପ୍ରଥମ କ୍ୱାର୍ଟର ଫାଇନାଲ ଇଲେଭେନ ୟଙ୍ଗଷ୍ଟାର ଓ ଜୟ ଶ୍ରୀରାମ ମଧ୍ୟରେ ହୋଇଥିଲା। ଇଲେଭେନ ୟଙ୍ଗଷ୍ଟାର ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୯୦ ରନ କରିଥିଲା। ପ୍ରତିପକ୍ଷ ଜୟ ଶ୍ରୀରାମ ଟିମ୍ ମାତ୍ର ୧ ଉଇକେଟ ବିନିମୟରେ ୯୧ ରନ କରି ୯ ଉଇକେଟରେ ବିଜୟୀ ଘୋଷିତ ହେବା ସହିତ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ରାଜ କୁମାର ଆଚାର୍ଯ୍ୟ, ବିଦ୍ୟାଧର ଦାଶ, ଦେବୀ ପ୍ରସାଦ, ଜ୍ୟୋତିପ୍ରକାଶ ମାଝି, ପ୍ରମୋଦ ପ୍ରଧାନ, ବିଶ୍ୱଜିତ ମହାପାତ୍ର, ଚନ୍ଦ୍ର ବିଜୟୀ ଭୋଳ ଓ ଚିତ୍ତ ରଥ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ।

### ତ୍ରିନାଥଦେବଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ବୋଲଗଡ଼,୧୨।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ଗୋଡିଆଳି ଗ୍ରାମର ରଜ ପଡ଼ିଆ ପରିସର ତ୍ରିନାଥଦେବଙ୍କ ମନ୍ଦିରଠାରେ ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏହା ଆୟୋଜିତ ହେଉଥିବାବେଳେ ସୋମବାର ଶୁଭାଧିବାସ, ମଙ୍ଗଳବାର କଳସ ଯାତ୍ରା, ଅଗ୍ନି ସ୍ଥାପନ ଏବଂ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ବୁଧବାର ସୂର୍ଯ୍ୟପୂଜା ଆଦି ବୈଦିକ ରୀତିନୀତି ଓ ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା । ଗୁରୁବାର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ।

## ■ ବ୍ଲକ୍ ବିଜେଡି ତରଫରୁ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା
# ପ୍ରତି ବ୍ଲକ୍ ସ୍ତରରେ ଖୋଲାଯିବ ଅଭିଯୋଗ ପ୍ରକୋଷ୍ଠ

**ଗଣିଆ,୧୨।୬(ଡି.ଏନ.ଏ.)**

ଗଣିଆ ବ୍ଲକ ବିଜୁ ଜନତା ଦଳ ତରଫରୁ ମଣିଭଦ୍ରା ପର୍ବତ ପାଦଦେଶରେ ଅବସ୍ଥିତ ମା’ କଳାପାଟ ପୀଠରେ ବୁଧବାର ଅପରାହ୍ନରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଦଳ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଉଭୟ ଏମ୍‌ପି ଓ ବିଧାୟକ ମା’ କଳାପାଟଙ୍କୁ ଦର୍ଶନ କରିଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ସାମାଜିକ କର୍ମୀ ଭରଦ୍ୱାଜ ମିଶ୍ର, ବ୍ଲକ ଉପାଧକ୍ଷ ଶାନ୍ତିଲତା ଦାଶ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଗଣିଆ ବ୍ଲକର ଜନସାଧାରଣ ବିପୁଳ ପରିମାଣରେ ଭୋଟ ଦେଇଥିବାରୁ ସେମାନେ କୃତଜ୍ଞତା ଜ୍ଞାପନ କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ରର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ବିକାଶଧାରାକୁ ଆଗେଇ ନେବାପାଇଁ ପ୍ରତି ବ୍ଲକସ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବ ବୋଲି ଏମ୍‌ପି କହିଥିଲେ। ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ୨ମାସ ମଧ୍ୟରେ ଭତ୍ତା ପ୍ରଦାନ କରାଯିବ । ଏଥିପାଇଁ ହିତାଧିକାରୀଙ୍କୁ କୌଣସି ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ ବୋଲି ବିଧାୟକ କହିଥିଲେ । ଆୟୋଜିତ ଉତ୍ସବରେ ଗଣିଆ ବ୍ଲକ ଶିକ୍ଷା ବିଭାଗ, ବରିଷ୍ଠ ନାଗରିକ, ମହାବିଦ୍ୟାଳୟ କର୍ମଚାରୀ, ବିଭିନ୍ନ ସଙ୍ଗଠନ ଏବଂ ପଞ୍ଚାୟତ ପ୍ରତିନିଧିଙ୍କ ତରଫରୁ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଏମ୍‌ପି ଓ ବିଧାୟକ।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ

**ନୟାଗଡ଼ ଅଫିସ,୧୨।୬**

ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ଅଧକ୍ଷତାରେ ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସଜାଗ ରହିବାକୁ ଜିଲାପାଳ ଉପସ୍ଥିତ ସମସ୍ତ ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ, ଲାଇନ ବିଭାଗର ଅଧିକାରୀମାନଙ୍କୁ କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କଣ୍ଟ୍ରୋଲ ରୁମ୍ ପରିଚାଳନା କରିବା ସହିତ ମୋବାଇଲଗୁଡ଼ିକୁ ସର୍ବଦା ସକ୍ରିୟ ରଖିବା ପାଇଁ ମଧ ସେ କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସଜାଗ ରହିବା ନିମନ୍ତେ ସମସ୍ତ ପଦାଧିକାରୀଙ୍କୁ କହିଥିଲେ। ଅନୁରୂପ ଭାବେ ଖରା ସମୟରେ କୂଅ, ନଳକୂଅଗୁଡ଼ିକୁ ମରାମତି କରି ପରିଷ୍କାର ରଖିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଡିଓମାନେ ନିଜ ନିଜ ବ୍ଲକରେ ଥିବା କୂଅ ଓ ନଳକୂଅଗୁଡ଼ିକର ମରାମତି କରି ତାହାର ଉପଯୁକ୍ତ ବ୍ୟବହାର କରାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା (ଏପିଡ଼ି) ସନ୍ତୋଷୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ, ବିଧାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ।

## ■ ଚୋରାରେ ଚାଲିଛି ଗୁଟ୍‌ଖା ବିକ୍ରି
# ଚଢ଼ାଉ କରୁନି ସ୍ୱାସ୍ଥ୍ୟ ବିଭାଗ, ପୋଲିସ

**ରଣପୁର, ୧୨।୬ (ସ୍ୱ.ପ୍ର.)**

ରାଜ୍ୟରେ ଗୁଟ୍‌ଖା ବିକ୍ରି ନିଷେଧ ପାଇଁ ସରକାରଙ୍କ ପକ୍ଷରୁ ୨୦୧୩ ଜାନୁୟାରୀ ୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ (ପ୍ରୋହିବିଶନ ଆଣ୍ଡ ରେଷ୍ଟ୍ରିକଶନ୍ ଅନ୍ ସେଲସ୍) ରେଗୁଲେଶନ ଅନୁସାରେ ସରକାର ଗୁଟ୍‌ଖା, ପାନମସଲା ଓ ଯେଉଁଥିରେ ନିକୋଟିନ ଥିବ ତା’ର ପ୍ରସ୍ତୁତି, ସଂରକ୍ଷଣ, ବିକ୍ରି ଓ ବଣ୍ଟନକୁ ଜାନୁୟାରୀ ୪ରୁ ନିଷେଧ କରିଛନ୍ତି। ଏହାକୁ ଉଲଂଘନ କଲେ ୧ଲକ୍ଷରୁ ଆରମ୍ଭ କରି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୩ରୁ ୬ ମାସ ଯାଏ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ନୟାଗଡ ଜିଲାର ରଣପୁର ଓ ଏହାର ଆଖପାଖ ଅଞ୍ଚଳରେ ଗୁଟ୍‌ଖା ବିକ୍ରି ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ସହିତ ପୋଲିସକୁ ହାତକରି ଏହି ବେପାର ବେଧଡକରେ ଚାଲୁ ରହିଛି । ସରକାର ମଧ ଆଇନ ପ୍ରଣୟନ କରି ଚୁପ ହୋଇ ରହିଛନ୍ତି। ଫଳରେ ବ୍ୟବସାୟୀମାନେ ଲାଭଲୁଟି ଚାଲିଥିଲା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ନୟାଗଡ, ବ୍ରହ୍ମପୁର ଅଞ୍ଚଳରୁ ଚୋରାରେ ଏହି ଗୁଟ୍‌ଖା ତିଆରି ହୋଇ ପ୍ରତ୍ୟେକ ମସଲା ଓ ପାନ ଦୋକାନରେ ବିକ୍ରି ହେଉଛି। ଗୁଟ୍‌ଖା ବେଆଇନ ହୋଇଥିବାରୁ ଏଥିରେ ବୈଧାନିକ ସତର୍କତା ନାହିଁ। ପ୍ରସ୍ତୁତି ସମୟ କେବେ ତାହା ମଧ ଉଲ୍ଲେଖ ନାହିଁ । ପ୍ରସ୍ତୁତ କର୍ତ୍ତାଙ୍କ ନାମ ଠିକଣା ନାହିଁ । ଅନ୍ୟପକ୍ଷେ ନାମୀଦାମୀ କମ୍ପାନୀ ନାମରେ ମଧ ନକଲି ଗୁଟ୍‌ଖା ବଜାରରେ ଉପଲବ୍ଧ ହେଉଛି । ଆଇନ ଲାଗୁ ପରେ ବର୍ଷେ ୨ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ତରଫରୁ ଚଢାଉ କରାଯାଉଥିଲା। ପରବର୍ତ୍ତୀ ସମୟରେ ଆଉ ଚଢାଉ କରାଯାଉଥିବା ଦେଖିବାକୁ ମିଳୁନି। ଫଳରେ ପୂର୍ବଭଳି ଲୋକେ ଗୁଟ୍‌ଖା ଖାଇ କର୍କଟ ଓ ଅନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରଣପୁରର ରବି ଦଳବେହେରା କୁହନ୍ତି, ଯେଉଁଠାରେ ବେଆଇନ ଭାବେ ପ୍ରସ୍ତୁତ କରାଯାଉଛି ସେଠାରେ ଏବଂ ବିଭିନ୍ନ ଗୋଦାମ ଓ ଦୋକାନ ଉପରେ ଚଢାଉ କରାଯାଇ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଗୁଟ୍‌ଖା ବିକ୍ରି ଅବାଧରେ ଚାଲିଛି । ଲେମ୍ବୋଡି ଗ୍ରାମର ଦୀନବନ୍ଧୁ ପ୍ରଧାନ କୁହନ୍ତି ରାଜ୍ୟରେ ବର୍ଷକୁ ପ୍ରାୟ ୮ଶହ କୋଟି ଟଙ୍କାର ଗୁଟ୍‌ଖା ବିକ୍ରି ହେଉଥିଲା । ଏ ବାବଦରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୩୫୦କୋଟି ଟଙ୍କା ଟିକସ ପାଉଥିଲେ। ସରକାର ନିଷେଧାଦେଶ ଜାରିକରି ରାଜସ୍ୱ ହରାଇଲେ । ହେଲେ ଚୋରା ଗୁଟ୍‌ଖା ବେପାରକୁ ରୋକିପାରିଲେନି । ଯୋଗିନାଥ ସେଠୀ କୁହନ୍ତି, ଗୁଟ୍‌ଖା ନିଷେଧ ଆଇନ କାର୍ଯ୍ୟକାରୀ କରି ସରକାର, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗ ଚୁପ ବସିଥିଲା ବେଳେ ସାଧାରଣ ଲୋକମାନେ ଏହାର ପ୍ରତିବାଦ ନ କରିବାରୁ ପ୍ରସ୍ତୁତକର୍ତ୍ତା ଓ ବ୍ୟବସାୟୀ ମାନେ ତାଙ୍କ ବ୍ୟବସାୟ ସାମ୍ରାଜ୍ୟକୁ ବିସ୍ତାର କରି ଚାଲିଛନ୍ତି। ଏନେଇ ନୟାଗଡ ଜିଲା ସିଡିଏମ୍‌ଓ ଡ. ଶ୍ୱେତ ମହାପାତ୍ରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ନୟାଗଡ ଜିଲା ଏସ୍‌ପି ଶିଶିଭୂଷଣ ଶତପଥୀଙ୍କୁ ପଚାରିବାରୁ ସେ କୁହନ୍ତି ଯଦି ସ୍ୱାସ୍ଥ୍ୟ ବିଭାଗ ଆମର ସହାୟତା ଲୋଡିବେ ତା’ହେଲେ ଉଭୟ ମିଳିତ ଭାବେ ଚଢାଉ କରିବୁ।

